ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.280 Bhubaneswar Wednesday, December 29, 2021 ୨୪ତମ ବର୍ଷ ସଂଖ୍ୟା-୨୮୦ ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

କୃଷିମନ୍ତ୍ରୀ ଅରୁଣଙ୍କ ଠିକାଦାର ପ୍ରୀତି, ୨୦୦କୋଟି ଲୁଟ୍: କିଏ ଏ ଅବିନାଶ ସିବିଆଇ ତଦନ୍ତ ଦାବି

ଭୁବନେଶ୍ୱର,୨୮।୧୨(ପି.ଏନ): ରାଜ୍ୟର ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ କୋଟିକୋଟି ଟଙ୍କାକୁ ଏବେ ଅବିନାଶ ଦାଶ ନାମକ ଜଣେ ଠିକାଦାର ଲୁଟ୍ କରୁଛନ୍ତି। କୃଷି ବିଭାଗର ପ୍ରତ୍ୟେକଟି କାର୍ଯ୍ୟର ଠିକା ବିନା ଟେଣ୍ଡରରେ ତାଙ୍କୁ ଦିଆଯାଉଛି। ଯେଉଁଥିପାଇଁ ପ୍ରାୟ ୨୦୦କୋଟି ଟଙ୍କାର ହେରଫେର ହୋଇଛି। କାହା ନିର୍ଦ୍ଦେଶ ଓ ବଳରେ ଏହି ଅବିନାଶ ଦାଶ କୃଷି ବିଭାଗକୁ ନିୟନ୍ତ୍ରଣ କରୁଛନ୍ତି, ବିଭାଗୀୟ ମନ୍ତ୍ରୀ ଅରୁଣ ସାହୁଙ୍କ ସହ ତାଙ୍କର କି ସମ୍ପର୍କ ରହିଛି ଓ ସେ କିପରି କୋଟିକୋଟି ଟଙ୍କା ଲୁଟ୍ କରୁଛନ୍ତି ତା'ର ସିବିଆଇ ତଦନ୍ତ ପାଇଁ ଆଜି ବିଜେପି ଦାବି କରିଛି । ଦୁର୍ନୀତିର ତଦନ୍ତ ନହେଲେ ଆଗ୍‌ରୋ ଇଣ୍ଡଷ୍ଟ୍ରିଜ୍ କାର୍ଯ୍ୟାଳୟ ଆଗରେ ବିଜେପି କୃଷକ ମୋର୍ଚ୍ଚା ଧାରଣା ଦେବ ବୋଲି ସେ ସ୍ପଷ୍ଟ କରିଛନ୍ତି ।ବିଜେପି ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ତଥ୍ୟପ୍ରମାଣ ସହ ସିଧାସଳଖ କୃଷି ବିଭାଗରେ ହୋଇଥିବା ପ୍ରାୟ ୨୦୦କୋଟି ଟଙ୍କାର ହେରଫେର ପାଇଁ କୃଷି ମନ୍ତ୍ରୀ ଅରୁଣ ସାହୁ ଓ କୃଷି ସଚିବଙ୍କୁ ଦାୟୀ କରିଛନ୍ତି । ଆଉ ଏକ ସଙ୍ଗୀନ ଅଭିଯୋଗ ଆଣି ଏହି ଅବିନାଶ ଦାଶ କିଏ ଓ ମନ୍ତ୍ରୀ ଅରୁଣ ସାହୁଙ୍କ ସହ ତାଙ୍କର ସମ୍ପର୍କ କ'ଣ ବୋଲି ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ, ଏ ଅବିନାଶ ଦାଶ ଏଭଳି ଜଣେ ବ୍ୟକ୍ତି ଯେ କି କୃଷି ବିଭାଗର ଯେକୌଣସି କାର୍ଯ୍ୟ ହେଲେ ତାଙ୍କୁ ଟେଣ୍ଡର ଦିଆଯାଉଛି । କୀଟନାଶକ, ଜିଆ ଖତ, ଘାସମରା ଔଷଧ, ସୌର ପାଣି ପମ୍ପ ଯୋଗାଣ, କୃଷି ରଥ, କୃଷି ପୁସ୍ତିକା ଆଦି ସବୁ କାର୍ଯ୍ୟର ଠିକା ତାଙ୍କୁ ବିନା ଟେଣ୍ଡରରେ ଟେକି ଦିଆଯାଉଛି । କେନ୍ଦ୍ର ସରକାର ଏସବୁ ସ୍କିମ ବାବଦରେ କୋଟିକୋଟି ଟଙ୍କା ଦେଉଥିବାବେଳେ ଏହି ବ୍ୟକ୍ତିଙ୍କୁ କେମିତି ସେହି କାର୍ଯ୍ୟ ଦିଆଯାଉଛି ତାକୁ ନେଇ ସେ ପ୍ରଶ୍ନ କରିଛନ୍ତି । କୃଷିମନ୍ତ୍ରୀଙ୍କ ଦପ୍ତର ଓ କୃଷି ବିଭାଗକୁ ପ୍ରଭାବିତ କରି ଶହ ଶହ କୋଟି ଟଙ୍କା କାରବାର କରୁଥିବା ଅବିନାଶ ଦାଶ ଜଣକ କିଏ ଏବଂ ତାଙ୍କ ସହିତ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ କଣ ସଂପର୍କ ରହିଛି, ତାହା ରାଜ୍ୟ ସରକାର ନିହାତି ଭାବେ ସ୍ପଷ୍ଟ କରିବା ଉଚିତ୍ ବୋଲି ଶ୍ରୀ ପୁରୋହିତ ଦାବି କରିଛନ୍ତି । ବିଜେପି ଅଭିଯୋଗ କରିଛି ଯେ, କୃଷି ବିଭାଗରେ ହଜାର ହଜାର କୋଟି ଟଙ୍କା ଦୁର୍ନୀତି ପଛରେ ବିଭାଗୀୟ ମନ୍ତ୍ରୀ, ସଚିବଙ୍କ ସମେତ ଶାସକ ଦଳର ବହୁ ନେତାଙ୍କ ପ୍ରତ୍ୟକ୍ଷ ସଂପୃକ୍ତି ରହିଛି । କୃଷି ବିଭାଗର ଉଦ୍ୟାନ କୃଷିରେ ହୋଇଥିବା ଘୋଟାଲା ଏକ ଜ୍ୱଳନ୍ତ ଉଦାହରଣ । ରାଷ୍ଟ୍ରୀୟ ବିକାଶ ଯୋଜନା ଅଧିନରେ ଏବଂ ବିଭିନ୍ନ ସ୍କିମ ଯଥା ବିଜିଇଆରଆଇ, ଏନଏଫଏସଏମ୍ , ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା, ଟିଆରଏଏଫଏ ଆଦି ଯୋଜନାରେ ବ୍ୟାପକ କେନ୍ଦ୍ରୀୟ ଅନୁଦାନ ରାଜ୍ୟକୁ ଆସୁଛି । କିନ୍ତୁ ଭ୍ରଷ୍ଟାଚାରୀ ଓ ଦୁର୍ନୀତିଖୋର ରାଜ୍ୟ ସରକାର ଚାଷୀକୁଳଙ୍କ ସ୍ୱାର୍ଥ ପାଇଁ ଆସୁଥିବା କେନ୍ଦ୍ରୀୟ ଅନୁଦାନକୁ ଚଂଚକତା କରି ହଡପ୍ କରୁଛନ୍ତି । କୃଷି ବିଭାଗରେ ଦୁର୍ନୀତିର ଚେର ବହୁ ଲମ୍ବା ହୋଇସାରିଛି ଏବଂ ତଳରୁ ଉପରୁ ପର୍ଯ୍ୟନ୍ତ ଶାସକ ଦଳର ବହୁ ମନ୍ତ୍ରୀ ଓ ନେତା ଏହି ଦୁର୍ନୀତିରେ ସଂପୃକ୍ତ ଅଛନ୍ତି । ସେ କହିଛନ୍ତି ଯେ, କୃଷି ବିଭାଗ ଦୁର୍ନୀତିର ମାଳମାଳ ତାଲିକାରୁ ଗୋଟିଏର ଉଦାହରଣ ଦେଇ ସେ କହିଛନ୍ତି ଯେ, ସରକାରୀ ପ୍ରେସରେ ମୁଦ୍ରିତ 'ଡାଲି ଜାତୀୟ ଫସଲ ଚାଷ କୌଶଳ' ପୁସ୍ତକକୁ ୩୧ ଟଙ୍କାରେ ନକିଣି ଠିକଣା ନଥିବା ଏହି ଅବିନାଶ ଦାଶଙ୍କର ସୋନାଲି କ୍ରିଏସନ, ଭୁବନେଶ୍ୱର ଦ୍ୱାରା ମୁଦ୍ରିତ ହୋଇଥିବା ନିମ୍ନମାନର ସମାନ ବହିକୁ ୬୦ ଟଙ୍କା ଦରରେ ୮ଟି ଜିଲ୍ଲାର ମୁଖ୍ୟ କୃଷି ଅଧିକାରୀମାନେ କିଣିଛନ୍ତ । ଏହି ବହିକୁ ସୋନାଲୀ କ୍ରିଏସନରୁ କିଣିବା ପାଇଁ କୃଷି ବିଭାଗ ତରଫରୁ ଚିଠି ଦ୍ୱାରା ନିର୍ଦ୍ଦେଶ ଦିଆଯାଇଥିଲା କାହିଁକି ଏବଂ ଏଭଳି ଚଂଚକତା କରି ଟଙ୍କା ହଡପ କରିବା ପଛରେ ବିଭାଗୀୟ ମନ୍ତ୍ରୀ ଅରୁଣ ସାହୁଙ୍କ ପ୍ରତ୍ୟକ୍ଷ ହାତ ରହିଛି ବୋଲି ଶ୍ରୀ ପୁରୋହିତ ଅଭିଯୋଗ କରିଛନ୍ତି ।ରାଜ୍ୟ କୃଷି ମନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀମାନେ ଚଂଚକତା କରି ୨୦୦ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନକୁ ମିଳିମିଶି ଲୁଟ୍ କରିଛନ୍ତି । ଏହି ଦୁର୍ନୀତିରେ ରାଜ୍ୟ କୃଷି ମନ୍ତ୍ରୀ ଓ ବିଭାଗୀୟ ସଚିବ ସଂପୃକ୍ତ ଥିବାବେଳେ ସ୍ୱଚ୍ଛତାର ଡିଣ୍ଡିମ ପିଟୁଥିବା ଫାଇଭ-ଟି ସଚିବ ନୀରବ କାହିଁକି ? ଏ ଅବିନାଶ ଦାଶଙ୍କୁ କାହିଁକି ରାଜ୍ୟ ସରକାର ଘଣ୍ଟ ଘୋଡାଉଛନ୍ତି । ଏହି ୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦୁର୍ନୀତି ବିରୁଦ୍ଧରେ କୃଷକ ମୋର୍ଚ୍ଚା ତରଫରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବା ସହିତ ଏହାର ତଦନ୍ତ ସିବିଆଇ ଦ୍ୱାରା କରାଯାଉ ବୋଲି ଶ୍ରୀ ପୁରୋହିତ ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରଂଜନ ମଙ୍ଗରାଜ, କାମାକ୍ଷା ପ୍ରସାଦ ପ୍ରଧାନ, କିଶୋର ସୁତାର ଓ ହିତେଶ ମହାପାତ୍ର ଉପସ୍ଥିତ ଥିଲେ ।

ଗୋଟିଏ ଦିନରେ ୧୫୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୮।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୫୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୪୧୬୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୪ ହଜାର ୦୯୩ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୫୫୯ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୫୬ ଜଣଙ୍କ ମଧ୍ୟରୁ ୯୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୮୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱର ଜିଲ୍ଲାରୁ ୬ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଭଦ୍ରକଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରୁ ୧ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୦ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସେହିପରି ଗଂଜାମ ଜିଲ୍ଲାରେ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଯାଜପୁରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦୁଝରରୁ ୪ ଖୋର୍ଦ୍ଧାରୁ ୮୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ସମ୍ବଲପୁରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୫, ଷ୍ଟେଟ୍ ପୁଲରୁ ୧୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ବିଜେପିରେ ଅନୁଗୋଳର ପୂର୍ବତନ ବିଜେଡ଼ି ଜିଲ୍ଲା ସମ୍ପାଦକ ଦୁର୍ଗାଚରଣ ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮।୧୨ (ପି.ଏନ): ନୂଆଦିଲ୍ଲୀ ସ୍ଥିତ ସରକାରୀ ବାସଭବନରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଜିଲ୍ଲାର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତଥା ବିଜେଡ଼ିର ପୂର୍ବତନ ଜିଲ୍ଲା ସମ୍ପାଦକ ଦୁର୍ଗାଚରଣ ପ୍ରଧାନଙ୍କ ସମେତ ଅନେକ ବିଜେଡ଼ି ସମର୍ଥକଙ୍କୁ ଦଳରେ ସ୍ୱାଗତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ନେତାଙ୍କ ସମେତ ଅନୁଗୋଳ ଜିଲ୍ଲା ବିଜେଡ଼ିର ପଦ୍ମଲୋଚନ ପ୍ରଧାନ, ମାନସ ରଞ୍ଜନ ପ୍ରଧାନ, ଲୋକନାଥ ପ୍ରଧାନ, ସୁଶାନ୍ତ କୁମାର ସାହୁଙ୍କ ସମେତ ଅନେକ ସମର୍ଥକଙ୍କୁ ଦଳୀୟ ଉତରୀୟ ଦେଇ ବିଜେପିରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର ଏହି ମିଶ୍ରଣ ଆମ ଦଳର ସଂଗଠନକୁ ଅଧିକ ସୁଦୃଢ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତମୁଠାକୁ ଟାଣ ହେବ। ଆଗାମୀ ଦିନ ମାନଙ୍କରେ ଅନୁଗୋଳ ଜିଲ୍ଲାକୁ ସମୃଦ୍ଧ ଅଂଚଳ ଭାବେ ଗଢ଼ିବାରେ କାର୍ଯ୍ୟକର୍ତାଙ୍କ ବଡ଼ ଯୋଗଦାନ ରହିବ। କାର୍ଯ୍ୟକର୍ତାଙ୍କ ପରିଶ୍ରମ ଏବଂ ଜନଆଶୀର୍ବାଦ ବଳରେ ଦଳ ଆଗକୁ ବଢୁଛି।

ଫେବୃଆରୀରେ ପିକ୍ ନେଇପାରେ ତୃତୀୟ ଲହର

ଭୁବନେଶ୍ୱର, ୨୮।୧୨(ପି.ଏନ): ଫେବୃଆରୀ ଶେଷ ଆଡକୁ ପିକ୍ ନେଇପାରେ ତୃତୀୟ ଲହର । ଦେଶର ବିଭିନ୍ନ ରାଜ୍ୟ ତୁଳନାରେ ଓଡ଼ିଶାରେ ପ୍ରଥମ ଓ ଦ୍ୱିତୀୟ ଲହର ଦୁଇ ମାସ ବିଳମ୍ବରେ ଆସିଥିଲା। ଆଇସିଏମଆର ଆକଳନ ଅନୁଯାୟୀ, ଯଦି ତୃତୀୟ ଲହର ଆସେ ଖୁବଶୀଘ୍ର ଓଡ଼ିଶା ଆସିବ। ଫେବୃଆରୀ ମାସ ଶେଷ ବେଳକୁ ଏହା ପିକ୍ ନେଇ ପାରେ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ।ସେ ଆହୁରି କହିଛନ୍ତି ଯେ ସର୍ଭିଲାନ୍ସ,ଟେଷ୍ଟିଂ, ଟ୍ରିଟମେଂଟ ଓ ଟିକାକରଣ ଉପରେ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଉଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ୱାସ୍ଥ୍ୟ ଭିତିଭୂମି ପ୍ରସ୍ତୁତ ରହିଛି । ପେଡ଼ିଆଟ୍ରିକ ବିଭାଗ, ଅକ୍ସିଜେନ ଓ ମେଡିସିନ ସମ୍ପୂର୍ଣ୍ଣ ଭାବେ ମହଜୁଦ ଅଛି। ଭିତିଭୂମି ପ୍ରସ୍ତୁତ କରି ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁଯାୟୀ ଆମେ ପ୍ରସ୍ତୁତ ରହିଛୁ। ରାଜ୍ୟର ସଙ୍ଗରୋଧ ସମୟ ୧୪ ଦିନ ରହିଛି। ସେଥିରେ କିଛି ପରିବର୍ତନ ହୋଇନି।

ଭୁବନେଶ୍ୱର ଏକାମ୍ର ଅଂଚଳରେ ୧୦୩ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୧୨(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭୁବନେଶ୍ୱରର ଏକାମ୍ର ଅଂଚଳରେ ୧୦୩ କୋଟି ଟଙ୍କା ବିନିଯୋଗରେ ୧୩ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିରେ ଏକାମ୍ର ଅଂଚଳର ବିକାଶ ପାଇଁ ପୁରୁଣା ଭୁବନେଶ୍ୱରରେ ୨୪ ଘଂଟିଆ ଗୁଣାତ୍ମକ ପାନୀୟ ଜଳ ଯୋଗାଣ, ଧଉଳି ଶାନ୍ତିସ୍ତୂପର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, କେଦାରଗୌରୀ ପାଣିର ବିଶୁଦ୍ଧକରଣ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଆରମ୍ଭ କରାଯାଇଛି । ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲିଙ୍ଗରାଜ ଅଂଚଳକୁ ସୁନ୍ଦର କରି ଗଢିତୋଳିବା ପାଇଁ ଏକାମ୍ର ଯୋଜନା ଜନସାଧାରଣଙ୍କ ସହଯୋଗରେ ଆରମ୍ଭ କରାଯାଇଛି। ଏହା ଶେଷ ହେଲେ ଭୁବନେଶ୍ୱରର ଗରିମା ଆହୁରି ବୃଦ୍ଧି ପାଇବ। ପୁରୀରେ ୨୪ ଘଂଟିଆ ଡ୍ରିଙ୍କ ଫ୍ରମ୍ ଟ୍ୟାପର ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ବର୍ତମାନ ପୁରୀର ଜନସାଧାରଣ ସଂପୂର୍ଣ୍ଣ ବିଶୁଦ୍ଧ ଜଳ ପାଇପାରୁଛନ୍ତି । ବର୍ତମାନ ପୁରୁଣା ଭୁବନେଶ୍ୱରର ଜନସାଧାରଣ ମଧ୍ୟ ଏହି ସୁବିଧା ପାଇବେ।ଆଜି ଆରମ୍ଭ ହୋଇଥିବା ପ୍ରକଳ୍ପ ଗୁଡିକ ହେଉଛି – ଏକାମ୍ର ଅଂଚଳରେ ୨୪ ଘଂଟିଆ ବିଶୁଦ୍ଧ ଜଳଯୋଗାଣ , ବରମୁଣ୍ଡା ହାଉସିଂବୋର୍ଡ କଲୋନୀ ଓ ଜଗନ୍ନାଥ ବିହାର ଅଂଚଳରେ ୨୪ ଘଂଟିଆ ପାନୀୟ ଜଳଯୋଗାଣ, କପିଳେଶ୍ୱରରେ ଗଙ୍ଗୁଆ ବାମପାର୍ଶ୍ୱ କେନାଲ ବନ୍ଧରେ ଦୁଇ ଲେନ୍ ବିଶିଷ୍ଟ ରାସ୍ତା, କେଦାରଗୌରୀ ମନ୍ଦିରରୁ ଅପରିଷ୍କୃତ ଜଳ ନିଷ୍କାସନ ପାଇଁ ଭୁବନେଶ୍ୱର-ପୁରୀ ରୋଡ୍ ରେ ବକ୍ସ କଲ୍‌ଭଟ, ଲିଙ୍ଗିପୁର ଇନ୍ଦିରା କଲୋନୀରେ ପାଇପ ପାଣି ବ୍ୟବସ୍ଥା, ଲିଙ୍ଗରାଜ ଓ ଗୋଖିବାବା ଅଂଚଳର କୁଷ୍ଠ କଲୋନୀର ବାସିନ୍ଦା ମାନଙ୍କର ଥଇଥାନ, ସମ୍ ହସ୍‌ପିଟାଲ ରାସ୍ତାର ଆଲୋକୀକରଣ , ଧଉଳି ଶାନ୍ତିସ୍ତୂପର ସୌନ୍ଦର୍ଯ୍ୟକରଣ, ଦୟା ପଶ୍ଚିମ କେନାଲ ଉପରେ ସେତୁ ନିର୍ମାଣ, ଦୟା ଦକ୍ଷିଣ ବନ୍ଧ ଉପରେ ରାସ୍ତା ନିର୍ମାଣ, କୁଆଖାଇ ଦକ୍ଷିଣବନ୍ଧର ପୁନରୁଦ୍ଧାର, ଦୟା ନଦୀ ଦକ୍ଷିଣ ବନ୍ଧର ସୁଦୃଢୀକରଣ ଓ ଉନ୍ନତିକରଣ ।ବିକାଶ ଓ କଲ୍ୟାଣ ସରକାରଙ୍କର ମୁଖ୍ୟ ପରିଚୟ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ରାଜ୍ୟର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହା ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବିପ୍ଳବ ଆଣିଛି ବୋଲି ସେ କହିଥିଲେ।ଏହି କାର୍ଯ୍ୟକ୍ରମରେ ପୂର୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ଜଳସେଚନ ଏବଂ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା ପ୍ରମୁଖ ଯୋଗ ଦେଇ ରାଜ୍ୟର ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଦୃଢ ନେତୃତ୍ୱର ଉଚ୍ଚପ୍ରଶଂସା କରିଥିଲେ । ଓଡିଶାର ବିକାଶ ପାଇଁ ଯେଉଁ ସବୁ ପଦକ୍ଷେପ ନିଆଯାଇଛି ଓ ଯୋଜନା କରାଯାଇଛି, ତାକୁ ଆନ୍ତର୍ଜାତିକ ସ୍ତରର ସ୍ୱୀକୃତି ମିଳିଛି ବୋଲି ସେମାନେ କହିଥିଲେ ।ଏହି କାର୍ଯ୍ୟକ୍ରମରେ ବି.ଏମ.ସି କମିଶନର ସଂଜୟ ସିଂହ, ଖୋର୍ଦ୍ଧା ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ ।

ଜାନୁଆରୀ ୩ରୁ ଖୋଲିବ ପ୍ରାଥମିକ ସ୍କୁଲ

– ଅଭିଭାବକଙ୍କ ଅନୁମତି ନେଇ ସ୍କୁଲ ଆସିବେ ପିଲା – ଅନଲାଇନ୍ କ୍ଲାସ୍ ଜାରି ରହିବ

ଭୁବନେଶ୍ୱର, ୨୮।୧୨(ପି.ଏନ): ଆସନ୍ତା ଜାନୁଆରୀ ୩ ତାରିଖରୁ ଖୋଲିବ ପ୍ରାଥମିକ ସ୍କୁଲ। ସାରା ରାଜ୍ୟରେ ପ୍ରଥମରୁ ପଂଚମ ଶ୍ରେଣୀ ଯାଏଁ ଥିବା ପ୍ରାୟ ୨୭,୦୦୦ ବିଦ୍ୟାଳୟ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ତେବେ ଯେଉଁଠି ଜାନୁଆରୀ ୫ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ପ୍ରଥମ ସମେଟିଭ୍ ପରୀକ୍ଷା ଅନୁଷ୍ଠିତ ହେବ ସେହି ସ୍କୁଲ ଗୁଡ଼ିକ ଜାନୁଆରୀ ୧୦ ତାରିଖରୁ ଖୋଲିବ। ଏନେଇ ସୂଚନା ଦେଇଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ

ଟି ଟାଇମ୍

ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

ପୁରାଣ କାହାଣୀ

ବାଣୀ ପ୍ରଭାବରେ ଚୋର ହେଲା ସାଧୁ

ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମରୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତ୍ତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତ୍ତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସତ୍ୟ ସତ କଥା କହିଲା । ଅଜ୍ଞାତବସତ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅଠିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

କୃତ୍ରିମ ଜଳପ୍ରପାତ

ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ । ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି । ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା । ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ । ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି । କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି । ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ ।

ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

ପ୍ରସବ କରିବ ରୋବଟ !

ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ । ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ । ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ । ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ । ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ନାହିଁ । ଏକ ଗବେଷଣାରୁ ଜଣାଯାଇଛି ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ସିଣ୍ଡ୍ରମ' । ଏହାଦ୍ୱାରା ଜଙ୍ଘରେ ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ରୋଗରେ ଗୋଡ଼ ଅକାମି ହୋଇଗଲା ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ । ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି । ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ 'ମେରାଲଜିଆ ପାରେସ୍ଥେଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ । ଏହି ପରି ଅନୁଭୂତ ହୁଏ । ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ

ବିଶ୍ୱର ବଡ ଫୁଲ ବଜାର

ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱବାସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦ୍ରୁତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରା ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ

ଶ୍ରୀ ପର୍ବତ ଶକ୍ତିପୀଠ, ଲଦାଖ

ହିନ୍ଦୁମାନଙ୍କର ପ୍ରସିଦ୍ଧ ଧାର୍ମିକ ସ୍ଥଳ ଗୁଡ଼ିକ ମଧ୍ୟରେ ଶ୍ରୀ ପର୍ବତ ଶକ୍ତିପୀଠ ଅନ୍ୟତମ। ଶ୍ରୀ ପର୍ବତ ଶକ୍ତିପୀଠ ଭାରତର ଜମ୍ମୁ-କାଶ୍ମୀର ରାଜ୍ୟର ଲଦାଖ ଅଂଚଳରେ ଅବସ୍ଥିତ। ଏହି ମନ୍ଦିର ମାତା ଦୁର୍ଗାଙ୍କୁ ସମର୍ପିତ ହୋଇଛି। ଏହି ମନ୍ଦିରର ନାମ ମଧ୍ୟ ପ୍ରାଚୀନ ସିଦ୍ଧପୀଠ ଭାବେ ଜଣାଶୁଣା। ଏହି ମନ୍ଦିର ମଧ୍ୟ ମାତା ସତୀଙ୍କ ଶକ୍ତିପୀଠ ମଧ୍ୟରେ ଗୋଟିଏ। ଏହି ମନ୍ଦିର ବା ଶକ୍ତିପୀଠରେ ଶକ୍ତିଙ୍କୁ ଦେବୀ ସୁନ୍ଦରୀ ଭାବରେ ପୂଜା କରାଯାଏ ଓ ଶ୍ରୀ ଭୈରବଙ୍କୁ ସୁନ୍ଦରାନନ୍ଦ ରୂପରେ ପୂଜା କରାଯାଏ।

ଶ୍ରୀ ପର୍ବତ ଶକ୍ତିପୀଠର ମୂଳ ସ୍ଥାନକୁ ନେଇ ମତଭେଦ ରହିଛି। ଲଦାଖର ଲେହ ଅଂଚଳ ସ୍ଥିତ କାଳୀ ମନ୍ଦିରକୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଏକ ଶକ୍ତିପୀଠ ଭାବରେ ପୂଜା କରାଯାଏ। ଏହି ମନ୍ଦିର ପ୍ରାୟ ଆଠ ଶହ ବର୍ଷର ପୁରୁଣା। ଏହି ମନ୍ଦିରରେ ଦେବୀ କାଳୀଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ବିରାଜମାନ ରହିଛି।

ପୌରାଣିକ କଥା ତଥା ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଶକ୍ତିପୀଠ ଗୁଡ଼ିକର ସୃଷ୍ଟି ସଂପର୍କରେ

ଏକ ଚମକପ୍ରଦ କାହାଣୀ ରହିଛି। ଭଗବାନ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଭଗବାନ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କଲେ ନାହିଁ। ଫଳରେ ଦେବୀ ସତୀ ନିଜେ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ ଓ ବାପାଙ୍କୁ କିଛି କହିବା ପୂର୍ବରୁ ସ୍ୱଂୟ ଦକ୍ଷରାଜ ଝିଅ ସତୀ ଓ ଭଗବାନ ଶିବଙ୍କୁ ଅପମାନ ସୂଚକ କଥା ଶୁଣାଇଲେ। ସେଠାରେ ସମସ୍ତ ଦେବୀ ଦେବତା ଉପସ୍ଥିତ ଥିବାରୁ ମା'ସତୀଙ୍କୁ ଖୁବ୍ ବାଧିଲା। ଅତି ଦୁଃଖରେ ମ୍ରିୟମାଣ ହୋଇ ମାତା ସତୀ ସେହି ଯଜ୍ଞକୁଣ୍ଡରେ ଆତ୍ମଦାହ କରିଦେଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ପାଖରେ ପହଂଚିଲେ ଓ ରାଗରେ ଜର୍ଜ୍ଜରିତ ହୋଇ ନିଜ ହାତରେ ସତୀଙ୍କ ମୃତ ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ମଣିଷ, ପଶୁ ଓ ଦେବୀ ଦେବତା ସମସ୍ତେ ଭୟରେ ଥରି ଉଠିଲେ। ଏହାର ସମାଧାନ ପାଇଁ ଦେବୀ ଦେବତା ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ।

ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି କ୍ଷଣ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଅଂଶ ବା ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକର ସୁରକ୍ଷା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।

ତେବେ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ପଡ଼ିଥିବା ମାତା ସତୀଙ୍କର ସେହି ଖଣ୍ଡ ବା ଅଂଶ ମାନଙ୍କ ମଧ୍ୟରୁ ଲଦାଖରେ ମା'ସତୀଙ୍କର ଡ଼ାହାଣ ପାଦର ପାଉଁଜି ପଡ଼ିଥିଲା। ସେଦିନ ଠାରୁ ଏହି ସ୍ଥାନ ଏକ ପ୍ରମୁଖ ଶକ୍ତିପୀଠ ଭାବେ ପରିଚିତ।

ଶ୍ରୀ ପର୍ବତ ଶକ୍ତିପୀଠରେ ସବୁ ପର୍ବ ପର୍ବାଣୀ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଧୂମଧାମରେ ପାଳନ କରାଯାଏ। ଏହି ପର୍ବ ମାତାଙ୍କର ସବୁଠୁ ବଡ଼ ପର୍ବ ଭାବରେ ପାଳନ କରାଯାଏ। ନବରାତ୍ର ଉତ୍ସବ ପାଳନ ବେଳେ ମନ୍ଦିରକୁ ଫୁଲ ଓ ବିଭିନ୍ନ ରଙ୍ଗର ଆଲୋକ ମାଳାରେ ସଜା ଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ। ଏହି ସମୟରେ ଦେଶର ବିଭିନ୍ନ ଅଂଚଳରୁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି।

ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି



ରହିଥାଏ। ଦେବୀଙ୍କରଙ୍କ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

ପ୍ରତିଦିନ ମାତାଙ୍କ ମନ୍ଦିର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ସକାଳ ୬ ଟାରେ ଖୋଲା ଯାଇଥାଏ ଓ ରାତି ଦଶ ଟାରେ ବନ୍ଦ ହୋଇଥାଏ। ପ୍ରତ୍ୟେକ ବର୍ଷର ଜୁନ୍ ମାସରୁ ଅକ୍ଟୋବର ମାସ ମଧ୍ୟରେ ମାତାଙ୍କ ମନ୍ଦିର ଦର୍ଶନ କରିବାକୁ ଆସିବା ସବୁଠୁ ପ୍ରକୃଷ୍ଟ ସମୟ।

ଶ୍ରୀ ପର୍ବତ ଶକ୍ତିପୀଠ ପର୍ଯ୍ୟନ୍ତ କିପରି ଯିବେ:-(୧) ଆକାଶ ପଥରେ ଆସି ଲଦାଖର ଲେହ ବିମାନ ବନ୍ଦରରେ ଓହ୍ଲାଇବାକୁ ପଡେ। (୨) ରେଳ ପଥରେ ଆସି ଜମ୍ମୁ ତଓ୍ୱି ରେଳଷ୍ଟେସନ୍‌ରେ ଓହ୍ଲାଇବାକୁ ପଡ଼େ।

ଶରତ କୁମାର ରାଉତ, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

କେନ୍ଦ୍ରାପଡାରେ ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ପାଳିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତାଦଳ ପକ୍ଷରୁ ଦଳର ୨୫ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଇଛାପୁରସ୍ଥିତ ମାଉସୀମା' ମନ୍ଦିର ସନ୍ନିକଟ ରଥଦାଣ୍ଡରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରାଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଜୟଯାତ୍ରାର ୨୫ତମ ସଫଳତାର ବାର୍ତ୍ତା ଦଳୀୟକର୍ମୀମାନେ ଘରେ ଘରେ ପହଞ୍ଚାଇବା ସହିତ ଶୃଙ୍ଖଳା ଓ ପରସ୍ପର ଭିତରେ ସମନ୍ୱୟ ରକ୍ଷାକରି ବିଜେଡିକୁ ପୁଣି ବହୁମତରେ ବିଜୟଲାଭ କରାଇବାକୁ ବିଧାୟକ ଶ୍ରୀ ବେହେରା ଉପସ୍ଥିତ ଦଳୀୟ କର୍ମୀମାନଙ୍କୁ ନିବେଦନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ଦେବଦାସ ମହାନ୍ତି ପୌରୋହିତ୍ୟ କରିଥିଲେ। ଏହି ଅବସରରେ ପ୍ରବାଦପୁରୁଷ ବିଜୁବାବୁଙ୍କ ସମସାମୟିକଏବଂ ଦୀର୍ଘଦିନ ଧରି ବିଜୁବାବୁଙ୍କ ସହିତ ରହିଆସିଥିବା ୧୨ଜଣ ବିଜୁ ଲିଗାସୀ ସଦସ୍ୟଙ୍କୁ ବିଜୁପ୍ରେମୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅପରାହ୍ନ ସାଢେ ୪ଟା ସମୟରେ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଭୁବନେଶ୍ୱରସ୍ଥିତ ଦଳର ରାଜ୍ୟସ୍ତରୀୟ ରୌପ୍ୟ ଜୟନ୍ତୀ ଉତ୍ସବରେ ଯୋଗଦେଇ ଆହୁରି ସମର୍ପିତ ହୋଇ ସାଧାରଣ ଜନତାଙ୍କ ସେବାରେ ନିୟୋଜିତ ହେବାକୁ ଦଳର କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଜିଲ୍ଲା ଛାତ୍ର ବିଜେଡି ସଭାପତି ପ୍ରଦୀପ କୁମାର ସାହୁ(ଲିପୁ)ଙ୍କ ନେତୃତ୍ୱରେ ଦୁହୁରିଆଠାରୁ ଏକ ବିଶାଳ ଶୋଭାଯାତ୍ରା କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରାଙ୍କୁ ନେଇ ଇଛାପୁରସ୍ଥିତ ସଭାସ୍ଥଳରେ ପହଞ୍ଚିଥିଲା। ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାଳି ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ବ୍ଲକ ଅଧକ୍ଷ ଶିବ ପ୍ରସାଦ ଭଳ, ନଗର ସଭାପତି ଯଯାତିକେଶରୀ ମହାନ୍ତି, ବ୍ଲକ ସଭାପତି ଆଲୋକ ସାହୁ, ମହିଳା ସଭାନେତ୍ରୀ ରୋସ୍ନା ସାହୁ,ସୁମିତ୍ରା ପାଢୀ, ସୀତାସୁନ୍ଦରୀ ମଲ୍ଲିକ, ସ୍ୱୟଂପ୍ରଭା କର, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଜ୍ୟୋସ୍ନାରାଣୀ ଜେନା, ସ୍ନେହପ୍ରଭା ତ୍ରିପାଠୀ, ସ୍ନେହଲତା ପ୍ରଧାନ, ଲୋପାମୁଦ୍ରା ବାରିକ, ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ହିରଣ୍ୟ ପଣ୍ଡା, ଭଜକୃଷ୍ଣ ରାଉତ, ରଞ୍ଜିତ ସାହୁ, ମହେନ୍ଦ୍ର ମିଶ୍ର, ମଙ୍ଗଳବରଣ ସିଂ, ଗଦାଧର ମଲ୍ଲିକ, ବସନ୍ତ ମଲ୍ଲିକ, ମୀତା ସାମଲ, ସୟଦ ଅକମଲ ଅଲ୍ଲୀ, ଆକ୍ରମ ଖାଁ, ସେକ ଗୋଫ୍ରାନ, ଜବାର ଅଲ୍ଲୀ, ସୁଧିର କୁମାର ଜେନା, ସୁରେନ୍ଦ୍ର ଜେନା,ନରହରି ପାଣି, ଶକ୍ତିକାନ୍ତ ପାତ୍ର, ଦୁଷ୍ମନ୍ତ ମଲିକ, ବିକାଶ ଦଳେଇ, ରଞ୍ଜନ କର, ଜିଲ୍ଲା ଓକିଲ ସଙ୍ଘ ସଭାପତି ଆଶୁତୋଷ ମହାନ୍ତି, ବିଜୟ ସ୍ୱାଇଁ, ରବିନ୍ଦ୍ର ପଣ୍ଡା, ସ୍ୱରୂପ ରାଉତରାୟ, ଅଜିତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

ବାଲେଶ୍ୱର-ମୟୂରଭଞ୍ଜ ଜିଲ୍ଲା ସୀମାବର୍ତ୍ତୀ ଗ୍ରାମରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)-ଗତ ୨୫ ତାରିଖରେ ବାଲେଶ୍ୱର ମୟୂରଭଞ୍ଜ ଜିଲ୍ଲା ସୀମାବର୍ତ୍ତୀ ଗ୍ରାମ ଚଷାଖଣ୍ଡ, ଜଙ୍ଗରାଇ ଏବଂ କଳମା ଗ୍ରାମର ଲୋକଙ୍କ ମଧ୍ୟରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଉଭୟ ଜିଲ୍ଲାର ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ୧୪୪ ଧାରା ଜାରି କରାଯିବା ସହ ବ୍ୟାପକ ପୁଲିସ ମୁତୟନ କରାଯାଇଛି । ଉତେଜନା ହ୍ରାସ କରିବା ପାଇଁ ସ୍ଥାନୀୟ ସଦଭାବନା ସଭାଗୃହରେ ଉଭୟ ପକ୍ଷଙ୍କୁ ନେଇ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୂର୍ବାଂଚଳ ଆଇ.ଜି ଶ୍ରୀ ହିମାଂଶୁ ଲାଲ, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ, ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ, ବାଲେଶ୍ୱର ଏସପି ଶ୍ରୀ ସୁଧାଂଶୁ ଶେଖର ମିଶ୍ର, ମୟୂରଭଞ୍ଜ ଏସପି ଶ୍ରୀ ରିଷିକେଷ ଡି ଖିଲାରି, ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲଙ୍କ ସମେତ ବିଭାଗୀୟ ଅଧିକାରୀ, ପୁଲିସ ଅଧିକାରୀ ଏବଂ ଉଭୟ ପକ୍ଷର ପ୍ରାୟ ୩୦ଜଣ ଗ୍ରାମବାସୀ ଅଂଶଗ୍ରହଣ କରି ଶାନ୍ତି ବଜାୟ ରଖିବା ଉପରେ ଆଲୋଚନା କରିଥିଲେ । ଗତକାଲିର ଗୋଷ୍ଠୀ ସଂଘର୍ଷ ଘଟଣାରେ ଜଣେ ପ୍ରାଣ ହରାଇବା ଏକ ଦୁଃଖଦ ଓ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଆଇନଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲେ ହେଁ ସ୍ୱାଭାବିକ ସ୍ଥିତି ଫେରାଇଆଣିବାକୁ ଗ୍ରାମବାସୀଙ୍କ ସହଯୋଗ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ପୂର୍ବାଂଚଳ ଆଇଜି ଶ୍ରୀ ହିମାଂଶୁ ଲାଲ୍ ପ୍ରଶାସନ ଓ ପୁଲିସ ଉପରେ ସମ୍ପୂର୍ଣ୍ଣ ଭରସା ରଖିବାକୁ ଏବଂ ଆଇନକୁ ହାତକୁ ନ ନେବାକୁ ପରାମର୍ଶ ଦେଇଥିଲେ । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଧରାଯିବା ସହିତ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତୀ ଶାନ୍ତି ବଜାୟ ରଖିବା ଉପରେ ଗୁରୁତ୍ୱ ଦେବା ସହିତ ଗ୍ରାମବାସୀଙ୍କ ସମସ୍ତ ଆଇନସଙ୍ଗତ ଦାବି ପୂରଣ କରାଯିବ ବୋଲି କହିଥିଲେ । ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ ଏଭଳି ପରିସ୍ଥିତି ଯେଭଳି ଆଗକୁ ନ ଉପୁଜିବ ସେଥିପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏଥି ସହିତ ସରକାରଙ୍କ ପକ୍ଷରୁ ଯାହା ବି ସାହାଯ୍ୟ ଓ ସହଯୋଗ ଆବଶ୍ୟକ ତାହା ଯୋଗାଇ ଦିଆଯିବ ବୋଲି କହିଥିଲେ । ବାଲେଶ୍ୱର ଏସପି ଶ୍ରୀ ସୁଧାଂଶୁ ଶେଖର ମିଶ୍ର, ମୟୂରଭଞ୍ଜ ଏସପି ଶ୍ରୀ ରିଷିକେଶ ଡି ଖିଲାର ଏଭଳି ଘଟଣାର ପୁନରାବୃତି ନ ହେବା ଏବଂ ଶାନ୍ତି ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ । ଉପସ୍ଥିତ ଗ୍ରାମବାସୀମାନେ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ବୈଠକରେ କହିବା ସହିତ ସମସ୍ତ ଗ୍ରାମରେ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ କାଏମ ରଖିବାକୁ ସହମତି ପ୍ରକାଶ କରିଥିଲେ । ଶାନ୍ତି ଓ ଭାଇଚାରା ସହ ସହବସ୍ଥାନ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା । ପୂର୍ବାଂଚଳ ଆଇଜି ଶ୍ରୀ ଲାଲ ପରିସ୍ଥିତିରେ ସୁଧାର ଆଣିବାକୁ ସମସ୍ତ ଗ୍ରାମବାସୀଙ୍କ ସହଯୋଗ କାମନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ବୈଠକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ହାଟଡିହୀ ମହାବିଦ୍ୟାଳୟରେ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ହାଟଡିହୀ (ପିଏନ୍): ହାଟଡିହୀ କଲେଜର ୧୯୯୦ ମସିହାର +୨ ବ୍ୟାଚ ଓ ୧୯୯୩ ମସିହାର +୩ ବ୍ୟାଚର ଛାତ୍ରଛାତ୍ରୀମାନଙ୍କର କଲେଜ ପରିସରେ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ବିଜୟ କୁମାର ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀ ବିଶେଶ୍ୱରୀ ରାଉତ ସଭାପତିତ୍ୱ କରିଥିଲେ । ପୁରାତନ ବନ୍ଧୁମାନେ କର୍ମମୟ ଜୀବନରୁ ଟିକେ ଅବସର ପାଇ ନିଜ ନିଜର ସୁଖ ଦୁଃଖ ଆଲୋଚନା ସହିତ କଲେଜ ଜୀବନରେ ଘଟିଯାଇଥିବା କିଛି ଅଭୁଲା ସ୍ମୃତିକୁ ରୋମନ୍ଥନ କରି ଆମୋଦିତ ହୋଇଥିଲେ । ବର୍ତମାନ କାର୍ଯ୍ୟକାରୀ ଅଧ୍ୟକ୍ଷ ଚିତରଂଜନ ରାଉତଙ୍କ ସହିତ କଲେଜର ସମସ୍ୟା ଏବଂ ତାର ସମାଧାନ ସମ୍ପର୍କରେ ମଧ୍ୟ ସେମାନେ ଆଲୋଚନା କରିଥିଲେ । କାର୍ଯ୍ୟସୂଚୀ ଅନୁଯାୟୀ ଆମନ୍ତ୍ରିତ ଗୁରୁଜୀମାନଙ୍କ ଉଦ୍ଦେଶ୍ୟରେ କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଅଧ୍ୟକ୍ଷ ଚିତରଂଜନ ରାଉତଙ୍କ ସମେତ ପୂର୍ବତନ ଓଡିଆ ବିଭାଗ ଅଧ୍ୟାପକ କୃଷ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ଶିକ୍ଷାବିଭାଗ ଅଧ୍ୟାପକ ସୁରେନ୍ଦ୍ରନାଥ ଗିରି, ପୂର୍ବତନ ରାଜନୀତି ବିଜ୍ଞାନ ଅଧ୍ୟାପକ ବିଷ୍ଣୁପ୍ରସାଦ ଜେନାଙ୍କୁ ଛାତ୍ରଛାତ୍ରୀମାନେ ପ୍ରଥମେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ଉପଢୌକନ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଏଭଳି ଆତିଥ୍ୟରେ ଗୁରୁମାନେ ବିମୋହିତ ଓ ଭାବବିହ୍ୱଳ ହୋଇପଡୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଗୁରୁମାନେ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ କରିବା ସହିତ ଏଭଳି

ଛାତ୍ରଛାତ୍ରୀଙ୍କୁ ପାଇ ନିଜକୁ ଗର୍ବ ଅନୁଭବ କରୁଥିବାର କହିଥିଲେ । ହାଟଡିହୀ ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନଙ୍କର ଗୁରୁଭକ୍ତି ଓ ଗୁରୁ-ଛାତ୍ରଙ୍କ ଏଭଳି ପରମ୍ପରାକୁ ବୁଦ୍ଧିଜୀବୀ ମହଲରେ ଢେର ପ୍ରଶଂସା କରାଯାଇଛି । ନିଳମଣୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ପୁରାତନ ଛାତ୍ର ସହଦେବ ବେହେରା କବିତା ମାଧ୍ୟମରେ ସୁନ୍ଦର ଭାବେ ସଂଚାଳନ କରିଥିଲେ । ପୁରାତନ ଛାତ୍ରୀ ଚିନ୍ମୟୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ରବିନାରାୟଣ ମିଶ୍ର, ନିର୍ମଳ ମଲ୍ଲିକ, ଭୀମସେନ ଓଝା, ଗୟାଧର ପ୍ରଧାନ, ଗଦାଧର ଦାସ, ଝରଣା ସେନାପତି, ପୂର୍ଣ୍ଣଚନ୍ଦ୍ର ସାହୁ, ମଧୁସୂଦନ ଜେନା, ଇତିଶ୍ରୀ ତ୍ରିପାଠୀ, ବିଦ୍ୟୁତ୍‌ପ୍ରଭା ମଲ୍ଲିକ, ଦିପ୍ତ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଡିସେମ୍ବର ୨୯

ଆମେ ଭାରତୀୟ ବର୍ତମାନ ଉଦ୍‌ଭ୍ରାନ୍ତ ଓ ଦ୍ୱନ୍ଦ୍ୱର ଶୀର୍ଷରେ

ମନୋଜ ଦାସ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଓ କାଳଜୟୀ କଥାଶିଳ୍ପୀ ଯାହାଙ୍କର ଅନେକ ଲେଖା ହୃଦୟରେ ସ୍ପନ୍ଦନ ସୃଷ୍ଟି କରିଥାଏ । ଏ ଲେଖକ ତାଙ୍କର ଏକ ରଚନା ପାଠ କରିଥିଲା, ଯାହା ସାମ୍ପ୍ରତିକ ସମୟର ଜୀବନଶୈଳୀ ଉପରେ ପର୍ଯ୍ୟବେସିତ ଥିଲା। ଯେଉଁ ପୁଣ୍ୟଭୂମି, ଦେବଭୂମି ଭାରତରେ ସର୍ବଜ୍ଞ ଈଶ୍ୱର ତାଙ୍କର ଆଶିଷ ବିତରଣ କରିଛନ୍ତି, ଆଜି ସେହି ପବିତ୍ର ଭାରତଭୂମିର ଭାରତୀୟମାନେ ଉଦ୍‌ଭ୍ରାନ୍ତ ଅବସ୍ଥାରେ ରହିଛନ୍ତି। ମନେପଡେ ସେ ଦିନର ସେହି ପ୍ରତିତଯଶା ଲେଖକଙ୍କର ଲେଖାଟିଏ।

ଦିନେ ଗୋଟାଏ ବିଚକ୍ଷଣ ଚୋର ସହ ଏକ ଉଦୀୟମାନ ଚୋରର ବନ୍ଧୁତା ହେଲା। ଉଦୀୟମାନ ଚୋରଟି ପଚାରିଥିଲା "ତୁମେ କେଭେ ଧରାପଡିନାହଁ" ? ନା! ଉତର ଦେଇଥିଲା ବିଚକ୍ଷଣ-ବୁଦ୍ଧି ଥିଲେ ଧରାପଡିବାର କାରଣ ନାହିଁ। ବୁଦ୍ଧି ଶିଖିବା ଅଭିପ୍ସା ନେଇ ରାତିରେ ଉଦୀୟମାନ ଚୋରଟି ବିଚକ୍ଷଣ ଚୋରକୁ ଅନୁସରଣ କଲା। ଦୁହେଁ ଗୋଟିଏ ସାମରିକ ଅଧିକାରୀମାନଙ୍କ ମେସ୍‌ରେ ପଶିଗଲେ। ସେଦିନ ଭାଗ୍ୟବଶତଃ ବହୁତ ସୁଖାଦ୍ୟ ବଳିଥିଲା; ଦୁହେଁ ପେଟଭରି ଖାଇବାକୁ ଲାଗିଲେ। ହଠାତ୍ ବିଚକ୍ଷଣ ଚୋର ହାତରୁ ଗୋଟିଏ ପ୍ଲେଟ୍ ଖସିପଡିଲା। ଶବ୍ଦ ଶୁଣି ପାଖ କୋଠରୀରୁ ଦୁଇଜଣ ଯବାନ ଅଧାନିଦ୍ରିତ ଅବସ୍ଥାରେ ଉଠିବସି ଧମକ ଦେବା କଣ୍ଠରେ ପଚାରିଲେ କିଏ ? ବିଚକ୍ଷଣ ଚୋରଟି ସଙ୍ଗେ ସଙ୍ଗେ 'ମିଆଁଓ' ବୋଲି ଶବ୍ଦ କଲା। ବିରାଡ଼ି ଭାବି ଯବାନ ଦୁହେଁ ଶୋଇପଡିଲେ। ଉଦୀୟମାନ ଚୋରଟି କୌଶଳ ଶିଖିଗଲା ମନେକରି ବଡ ଖୁସି ହେଲା। ବିଚକ୍ଷଣ ବାହାରିଯିବାପରେ ବି ଆହୁରି ଅଧିକ କିଛି ସୁଖାଦ୍ୟ ଆଶାରେ ସିଏ ରୋଷାଇଘର ଅଣ୍ଡାଳିବାକୁ ଯାଇ ଗୋଟିଏ ଟ୍ରେ ତଳେ ପକାଇ ଦେଇଥିଲା। ପୁଣି ଶୁଭିଲା କିଏ ? 'ଆଉ ଗୋଟିଏ ବିଲେଇ' ପରେ ପରେ ଉଦୀୟମାନ ଚୋରଟି ଯେଉଁ କରୁଣ ଅବସ୍ଥା ଭୋଗିଲା, ଭାରତବର୍ଷ ବ୍ୟାପୀ ଆଜି ତା'ର ସହସ୍ର ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି। ଆମେ ପାଶ୍ଚାତ୍ୟର ବହୁ ପରମ୍ପରା ତଥା ଅନୁଷ୍ଠାନକୁ ଅନୁକରଣ କରିବା ସହ ଉପରୋକ୍ତ ରୀତିରେ ପରିସ୍ଥିତି ଓ ପରିପ୍ରେକ୍ଷୀ ପାଶୋରି ଦେବାସହ ଯୁକ୍ତି ଦ୍ୱାରା ସବୁପ୍ରକାର କର୍ମର ଯଥାର୍ଥତା ପ୍ରତିପାଦିତ କରିପାରିଛୁ ବୋଲି ଭାବିଥାଉ-ମାତ୍ର ସଂସ୍କୃତି ଓ ଚେତନା ଯୁକ୍ତିଦ୍ୱାରା ନିର୍ମିତ ନୁହେଁ। ମଣିଷର ସୂକ୍ଷ୍ମ ବୋଧଶକ୍ତି ବା ରୁଚିଜ୍ଞାନକୁ ଯୁକ୍ତିତର୍କ ନୀରବ କରିଦେଇପାରେ, କିନ୍ତୁ ତା'ର ଅର୍ଥ ନୁହେଁ ଯେ ରୁଚିବୋଧ ତୁଳନାରେ ଯୁକ୍ତିବାଦ ମହତର।

ସାମ୍ପ୍ରତିକ ସମୟର ଗୋଟିଏ ଉଦାହରଣ। ଏକଦା ବାଙ୍ଗାଲୋରରେ ସମବେତ ତଥାକଥିତ ସୁନ୍ଦରୀମାନଙ୍କ ସହ ନୈଶ୍ୟଭୋଜନର ସୌଭାଗ୍ୟ ନିମନ୍ତେ ଧନୀମାନଙ୍କୁ ଥାଳି ପିଛା କୋଡିଏ ହଜାର ଟଙ୍କା ଦେବାକୁ ପଡିଥିଲା, (ଯାହା ସେତେବେଳେ ଖବରକାଗଜରେ ଚାଳିଶ ହଜାର ଟଙ୍କା ଲେଖାଯାଇଥିଲା)। ଜଣେ ଧନୀ ଯୁବକ ଦୂରଦର୍ଶନ ଯୋଗେ ସାରା ଦୁନିଆକୁ ଜଣାଇଲେ ଯେ ସେ ଖୁବ୍ ଭଲ କାମଟିଏ କରିଛନ୍ତି। କାରଣ ଲମ୍ବ ଅର୍ଥ ଗୋଟିଏ ଦାତବ୍ୟ ପ୍ରତିଷ୍ଠାନକୁ ଯିବ।

ଦୁର୍ଭାଗ୍ୟର କଥା, ତାଙ୍କର ସେ ଯୁକ୍ତିଯୁକ୍ତ ଘୋଷଣା ଶୁଣି ଜଣେ ଶିକ୍ଷକ ବଡ ଅସ୍ୱସ୍ତି ଅନୁଭବ କଲେ। ତାଙ୍କର ସେ ଯୁକ୍ତିହୀନ ମାନସିକ ଅବସ୍ଥାକୁ ତର୍ଜମା କରାଯାଏ ତେବେ ମନରେ ପ୍ରଶ୍ନ ଉଠେ ଯଦି ଦାତବ୍ୟ ପ୍ରତିଷ୍ଠାନକୁ ଦେବାର ଥିଲା, ତେବେ ଧନୀକମାନେ ସିଧାସଳଖ ଦେବାରେ ବାଧା ଥିଲା କେଉଁଠି ? ଯେଉଁ କୋଡିଏ, ଚାଳିଶ ହଜାର ଲେଖାଏଁ ଟଙ୍କା ଦେଲେ, ସେଥିରୁ ହୋଟେଲ ତା'ର ପ୍ରାପ୍ୟ ନେବାପରେ ସତରେ କେତେ ମିଳିବ ? ଅର୍ଥାତ୍ ଦାତବ୍ୟ କେହି କେହି ଲୋକଙ୍କ ଭିତରେ ବମନ ଉଦ୍ରେକ କରାଇବ। ତାହା ଯେତେ ଅଯୌକ୍ତିକ ହେଉନା କାହିଁକି ? ଏହି ଅଯୌକ୍ତିକତା ଭିତରେ ରହିଛି ଆଶାର ଆଲୋକ। ସେ ଦିନ ଖଜୁରାହୋଠାରେ ସରକାର 'କାସିନୋ' ବନାଇବାକୁ ମନସ୍ଥ କରିଥିଲେ। 'କାସିନୋ' ହେଲା ଜୁଆ ଆଡ୍ଡାର ଭବ୍ୟ ନାମ। ବିଦେଶୀ ପର୍ଯ୍ୟଟକମାନେ ଖଜୁରାହୋ ଆସନ୍ତି ମନ୍ଦିର ଦର୍ଶନ ପାଇଁ ନୁହେଁ, ଉଲଗ୍ନ ମୂର୍ତି ଦେଖିବାକୁ ସେମାନଙ୍କ ମନୋଭାବ କୁ ଜୁଆର ସୁଯୋଗ ବେଶ୍ ସୁହାଇବ, କିନ୍ତୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସକାଶେ ଏହା ହିଁ କ'ଣ ହେବ ଭାରତର କୌଶଳ ?

ବର୍ତମାନ ଆମେ ଭାରତୀୟମାନେ ଉଦ୍‌ଭ୍ରାନ୍ତ ଅବସ୍ଥାରେ ରହିଛୁ। କେତେଦୂର ଯିବା, କେଉଁଠି ଆମର ସୀମା ଲଂଘନ ହେଲା, କେଉଁଠାରେ ବାକ୍ ସଂଯମ ଉଲଂଘନ ହେଲା ବୋଲି ବୁଝିବା ସେ ଚେତନା ହରାଇଛୁ। ଆଧୁନିକତା ଦୃଷ୍ଟିରୁ ଅନେକ ଏହାକୁ ଶ୍ଳୀଳ ମନେ କରନ୍ତି। ଏହାକୁ ଅଶ୍ଳୀଳ ବୋଲି ବିଚାର କରିବା ସମ୍ଭବ ନୁହେଁ। ଏହା କିନ୍ତୁ ସମ୍ପୂର୍ଣ୍ଣ ସମ୍ଭବ। ଭାରତର ଅଦୂରରେ ଅବସ୍ଥିତ ଏକ ଛୋଟଦ୍ୱୀପ ରାଜ୍ୟ-ସିଙ୍ଗାପୁର, ଭାରତଠୁ ଶିଳ୍ପ, ଶିକ୍ଷା, ବିଜ୍ଞାନ, ବାଣିଜ୍ୟ ସବୁଥିରେ ଦେଶଟି ବହୁତ ଅଧିକ ଉନ୍ନତି ଓ ଆଧୁନିକ। ତାହାପୁଣି ସବୁଠୁ ଦୁର୍ନୀତିମୁକ୍ତ ବୋଲି ଗୋଟିଏ ଆର୍ନ୍ତଜାତିକ ନିର୍ଭରଯୋଗ୍ୟ ସମୀକ୍ଷା ପ୍ରକାଶ କରିଛି। ଏହା କେବଳ ପୃଥିବୀର ସବୁଠାରୁ ସଫାସୁତୁରା ଦେଶ ନୁହେଁ, ଏହାର ରାସ୍ତା ଘାଟରେ ଖଣ୍ଡିଏ ବି ଅସଭ୍ୟ ପୋଷ୍ଟର ଦେଖିବାକୁ ମିଳିବ ନାହିଁ। ଅବଶ୍ୟ ସିଙ୍ଗାପୁର ଶାସନ ବଡ କଡା, କିନ୍ତୁ ଭାରତବର୍ଷ ଭଳି ଜ୍ଞାନ ସମୃଦ୍ଧ ଦେଶରେ ସେହି କଡାତ୍ୱର ବିକଳ୍ପ ସ୍ୱତଃସ୍ଫୂର୍ତ୍ତ ନୀତିଜ୍ଞାନ ଓ ରୁଚିଜ୍ଞାନ ହେବବୋଲି ଆଶା କରିବା ସ୍ୱାଭାବିକ ନୁହେଁ କି ? ମାତ୍ର ଏହା ଆଜିର ଭାରତର ଉଦ୍‌ଭ୍ରାନ୍ତ ନେତା ନେତୃତ୍ୱ ତଥା ତଥାକଥିତ ବୁଦ୍ଧିଜିବୀ ବୋଲାଉଥିବାଙ୍କ ପକ୍ଷରେ ଅସମ୍ଭବ। ଏହା ମୋର ବକ୍ତବ୍ୟ ନୁହେଁ- ଏହା ଥିଲା ଜଣେ ବିଦେଶୀ ବନ୍ଧୁ ଭାରତରେ ଗୋଟିଏ ଜନମଙ୍ଗଳ ମୂଳକ ପ୍ରତିଷ୍ଠାନ ସ୍ଥାପନ କରିବାକୁ ଯାଇ ହତାଶ ହୋଇଥିବା ଏହି ମହାନୁଭବ ପ୍ରତିତ ଯଶା କଥାକାର ମନୋଜ ଦାସଙ୍କୁ ତାଙ୍କ କୋହଭରା ହୃଦୟରେ ଯାହା କହିଥିଲେ ତାହା ଥିଲା "ଭାରତ ଆପାଦ ମସ୍ତକ ଯେଉଁଭଳି ଦୁର୍ନୀତି ଦ୍ୱାରା ବିଷାକ୍ରାନ୍ତ, ସେଥିରେ ଭଲକାମଟିଏ କରିବାର ସ୍ୱପ୍ନ ଅବାସ୍ତବ। ନୀତିବାନ୍ ଦେଖାଇ ହୋଇ ଦୁର୍ନୀତି କରିବାରେ ଭାରତ ପାରଙ୍ଗମତା।

ଭାରତର ରାସ୍ତାଘାଟର ପ୍ରତି ମାଇଲ୍ ବା ଦୁଇ ମାଇଲ୍‌ରେ ଗୋଟିଏ ଲେଖାଏଁ ମନ୍ଦିର ବିଭିନ୍ନ ଦେବାଦେବୀଙ୍କ ପୂଜାର୍ଚ୍ଚନା ସୂଚକ ଗୀତବାଦ୍ୟରେ ବାତାବରଣ ସର୍ବଦା ବିସ୍ଫୋରିତ। ଏହା ସତ୍ତ୍ୱେ ଏ ସମାଜରେ ଏ ଘୃଣ୍ୟ ମାନସିକତା କାହିଁକି ? ଯାହା ପାଠକଙ୍କ ଉପରେ ଛାଡି ଦିଆଗଲା। ଏଠାରେ ନେତା ରାମରାଜ୍ୟର ପରିକଳ୍ପନା କରୁଥିବା ବେଳେ ମନୁଷ୍ୟର ଦେହରୂପୀ ରଥ ପଚଂ ତତ୍ୱ ଓ ପଚଂ ଇନ୍ଦ୍ରିୟର ସଂଯୋଗରେ ଦଶରଥ, ମାତ୍ର ଏହା ସତ୍ତ୍ୱେ ରାମରୂପୀ ଜ୍ଞାନ, ଲକ୍ଷ୍ମଣରୂପୀ ବୈରାଗ୍ୟ, ଭରତରୂପୀ ଭକ୍ତି ତଥା ଶତ୍ରୁଘ୍ନ ରୂପୀ ସାହାସର ଅଭାବ ଘଟିଥାଏ। ଫଳରେ ଆମେ ଉଦ୍‌ଭ୍ରାନ୍ତ ହେବା ସହ ମନକୁ ଇନ୍ଦ୍ରିୟ ଲାଳସାରେ ବଶିଭୂତ ହୋଇ ସକଳ ଅନୈତିକ କାର୍ଯ୍ୟ କରିଥାଉ। ତେଣୁ ଆଜି ଆମ ପବିତ୍ର ଭାରତ ଭୂମିର ପ୍ରତ୍ୟେକ ଉଦ୍‌ଭ୍ରାନ୍ତ ଓ ଦ୍ୱନ୍ଦ ଭିତରେ ଛନ୍ଦି ହୋଇ ଛଟପଟ ହେଉଛନ୍ତି।

ଉମାଶଙ୍କର ପ୍ରସାଦ, ସମ୍ପାଦକ ତଥା ସ୍ତମ୍ଭକାର, ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ ନଂ-୬୩୭୦୬୭୫୫୬୨

ଆଜିର ଅନୁଚିନ୍ତା

ଭୟ ଯାହାକୁ ଭୟ କରେ, ତାକୁ ହିଁ ଆମ୍ଭେମାନେ ଭୟ କରିବା ଉଚିତ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

କରୋନା ପରବର୍ତ୍ତୀ ସମୟରେ ଆଦିବାସୀ ଅଂଚଳର ଶିଶୁମାନଙ୍କର ଶିକ୍ଷଣସ୍ତରର ସ୍ଥିତି

ଲୋକନାଥ ପଣ୍ଡା

କରୋନା ସମୟରେ ହେଉ କିମ୍ବା କରୋନା ମହାମାରୀ ପରବର୍ତ୍ତୀ ସମୟରେ ଗ୍ରାମୀଣ ଅଂଚଳରେ ଗଲେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି, ଏହା ଯେକୌଣସି ଗ୍ରାମକୁ ଗଲେ ଗ୍ରାମବାସୀଙ୍କ ଆଲୋଚନା ବେଳେ ଏହା ଜଳଜଳ ହୋଇ ଦେଖାଯାଏ । ସେହିଭଳି ଯଦି ଆଦିମ ଜନଜାତି ହେଉ କିମ୍ବା ଜନଜାତି ବହୁଳ ଅଂଚଳକୁ ଯିବା, ତେବେ ପ୍ରାଥମିକ ଶିକ୍ଷା କେତେ ବିପର୍ଯ୍ୟସ୍ତ ହୋଇପଡ଼ିଛି, ତାହା ଜଣେ ଅନୁମେୟ କରିପାରିବ । ଏହି ବିପର୍ଯ୍ୟୟ ସମସ୍ତ ଶିଶୁଙ୍କ ଉପରେ ସମାନ ପ୍ରକାର ପ୍ରଭାବ ପଡ଼ିନି, କେତେକ ଶିଶୁଙ୍କ ଉପରେ କମ୍ ପ୍ରଭାବ ପଡ଼ିଥିବା ବେଳେ କେତେକ ଶିଶୁଙ୍କ ବିଶେଷ ଭାବରେ ଆନୁଷ୍ଠାନିକ ଶିକ୍ଷା କ୍ଷେତ୍ରରେ କ୍ଷତିଗ୍ରସ୍ତ ହୋଇଛନ୍ତି । ଯେଉଁମାନେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି, ସେମାନେ ମୁଖ୍ୟତଃ ଅତି ଗରିବ ଓ ଅପହଂଚ ଓ ଆଦିବାସୀ ଅଧ୍ୟୁଷିତ ଅଂଚଳର ଶିଶୁ । ଏଥିରେ ମୁଖ୍ୟତଃ ଅଙ୍ଗନବାଡ଼ି କେନ୍ଦ୍ରର ଶିଶୁଙ୍କଠାରୁ ପଞ୍ଚମ ଶ୍ରେଣୀର ଶିଶୁମାନେ ବେଶ୍ ପ୍ରଭାବିତ ହୋଇଛନ୍ତି !

ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି, ଶିଶୁମାନେ ବିଦ୍ୟାଳୟରେ ଆବଶ୍ୟକ ହେଉଥିବା ଶିକ୍ଷଣ ଲାଭ ନକରି ଗତ ଦୁଇବର୍ଷ ଧରି ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ସର୍ବନିମ୍ନ ଶିକ୍ଷଣ ସ୍ତର ସମ୍ପର୍କରେ ଆଲୋଚନା ବେଳେ ଦେଖାଯାଏ ଯେ, କେଉଁ ବିଷୟକୁ କେତୋଟି ଶ୍ରେଣୀ, କେତେ ଘଣ୍ଟା ପଢ଼ାହେବ, ତାହା ନିର୍ଘଣ୍ଟ ହୋଇଥାଏ । ସାଧାରଣତଃ ଆଦିବାସୀ ଅଞ୍ଚଳର ଶିକ୍ଷାର ସ୍ଥିତି ନିୟମିତ ସ୍କୁଲ ଚାଲିଥିବା ବେଳେ ମଧ୍ୟ ଏହିଭଳି ଅପହଂଚ ଗାଁଗୁଡ଼ିକରେ ଶିଶୁମାନଙ୍କର ଶିକ୍ଷଣର ସ୍ତର ଚିନ୍ତାଜନକ ହୋଇଥାଏ । ଏହିଭଳି କ୍ଷେତ୍ରରେ କରୋନା ସମୟରେ ହେଉ କିମ୍ବା ଏହାର ପରବର୍ତ୍ତୀ ସମୟରେ ହେଉ, ସ୍କୁଲ ବନ୍ଦ ହୋଇଯିବା ସମୟରେ ଏହାର ସ୍ଥିତି ଅତି ଗମ୍ଭୀର ହୋଇଛି, ଏହାକୁ ସେହି ଅଂଚଳର ଅଙ୍ଗେନିଭା ଅଭିଭାବକମାନେ ହିଁ ହୃଦୟଙ୍ଗମ କରିବେ ।

ଇତିମଧ୍ୟରେ ଗଜପତି ଜିଲ୍ଲା ଏବଂ ରାୟଗଡ଼ ଜିଲ୍ଲାର କେତେକ ଆଭ୍ୟନ୍ତରିଣ ଆଦିବାସୀ ବହୁଳ ଗ୍ରାମଗୁଡ଼ିକ ବୁଲିବା ସହିତ ଅଭିଭାବକ, ଶିଶୁମାନଙ୍କ ସହିତ ଆଲୋଚନା କରୁଥିଲି । କରୋନା ପରିପ୍ରେକ୍ଷୀରେ ଦୀର୍ଘ ୧୮ ମାସରୁ ଊର୍ଦ୍ଧ୍ୱ ସ୍କୁଲ ବନ୍ଦ ହେବା ସମ୍ପର୍କରେ ଅଭିଭାବକ ତଥା ଗ୍ରାମବାସୀଙ୍କ ଅଧିକାଂଶ ମତ ହେଲା କ'ଣ କରୋନା ଆସିଲା, ଆମ ପିଲାମାନଙ୍କର ପାଠ ବରବାଦ ହୋଇଗଲା ! ଅଭିଭାବକ ଓ ଶିଶୁମାନେ ସେମାନଙ୍କର ମନରେ ବିଦ୍ୟାଳୟ କେବେ ଖୋଲାହେବ, କିପରି ନିୟମିତ ଚାଲିବ, ମଧ୍ୟାହ୍ନଭୋଜନ ବିଦ୍ୟାଳୟରେ ଅନ୍ୟ ଶିଶୁମାନଙ୍କ ସହିତ ଖାଇବେ, ଏହିଭଳି ଅନେକ ଆଶା ଓ ଆଶଙ୍କାରେ ରହିବାର ଅନୁଭବ କରୁଥିଲି ।

ଶିଶୁମାନଙ୍କର ସହ ଆଲୋଚନା କରିବା ଅବସରର କିଛି ପ୍ରାଥମିକ ସ୍ତରର ଶିଶୁମାନଙ୍କର ଶିକ୍ଷଣ ଦକ୍ଷତା ମାପୁଥିଲି । ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ଆଦିବାସୀ ବହୁଳ ଅଂଚଳର ଶିଶୁମାନଙ୍କର ଅଣଆନୁଷ୍ଠାନିକ ଏବଂ ସେମାନେ ଏହାକୁ ଏକ ମୂଲ୍ୟାୟନ ନଭାବିବେ, ସେଥିପ୍ରତି ମୁଁ ବେଶ୍ ସଚେତନ ଥିଲି । ରଥଦାଣ୍ଡ ସାହି ଗ୍ରାମର ଶ୍ରୀୟା ଗମାଙ୍ଗ, ୪ର୍ଥ ଶ୍ରେଣୀରେ ପଢୁଛି । ଅକ୍ଷର ଚିହ୍ନିପାରୁଛି । ମାତ୍ରା ଥିବା ଶବ୍ଦକୁ ପଢ଼ିବାକୁ ଅସୁବିଧା ହେଉଛି । ଯୁକ୍ତାକ୍ଷର ଥିବା ଶବ୍ଦ ମୂଳୁକୁ ପଢ଼ିପାରୁନାହିଁ । ସଂଖ୍ୟା ଗଣିପାରୁଛି । ଦ୍ୱିତୀୟ ଶ୍ରେଣୀର ସ୍ତରରେ ରହିଛି । ନିଜର ନାମ ଲେଖିପାରୁଛି, କିନ୍ତୁ ନିଜର ଶ୍ରେଣୀ ଲେଖିପାରୁନାହିଁ । ଜାମଡ଼ିହ ଗ୍ରାମର କିଛି ଶିଶୁ ସହ ଆଲୋଚନା କରୁଥିଲି । ତୃତୀୟ ପଢୁଥିବା ଶିଶୁ ନିଜର ନାମ କଷ୍ଟେମଷ୍ଟେ ଲେଖିପାରୁଛନ୍ତି ! ମୋ ସ୍କୁଲ କାର୍ଯ୍ୟକ୍ରମ ଦ୍ୱାରା ଆୟୋଜିତ ଓ ଭାରତ ଜ୍ଞାନ ବିଜ୍ଞାନ ସମିତି ଦ୍ୱାରା ସଂଚାଳିତ "ପ୍ରାରମ୍ଭ'' କେନ୍ଦ୍ରରେ ସକାଳେ ଓ ସନ୍ଧ୍ୟାରେ ପଢୁଛନ୍ତି । ଏହି ଶିଶୁମାନେ ଚତୁର୍ଥ ଶ୍ରେଣୀରେ ନାମ ସ୍ୱତଃପ୍ରବୃତ୍ତ ଭାବରେ ଶ୍ରେଣୀ ଉନ୍ନୀତ ହୋଇଯାଇଥିଲେ ମଧ୍ୟ ଦ୍ୱିତୀୟ ଶ୍ରେଣୀର ସ୍ତରରେ ଅଛନ୍ତି । ଏହିଭଳି କିଛି ପଞ୍ଚମ ଓ ଷଷ୍ଠ ଶ୍ରେଣୀର ଶିଶୁଙ୍କୁ ମୂଲ୍ୟାୟନ କରିଥିଲି, ଅଧିକାଂଶଙ୍କ ଦ୍ୱିତୀୟ ଏବଂ କାଁ ଭାଁ ତୃତୀୟ ଶ୍ରେଣୀର ଦକ୍ଷତା ଥିଲା ।।

ଏହିଭଳି ଭାବରେ ଲବରାସିଂର ସଉରା ସାହିର ପ୍ରାରମ୍ଭ କେନ୍ଦ୍ରକୁ ଆସୁଥିବା ଶିଶୁମାନଙ୍କୁ ମୂଲ୍ୟାୟନ କରୁଥିଲି । ଲବାରସିଂର ଶିଶୁମାନେ ଲବାରସିଂରେ ଥିବା ସ୍କୁଲରେ କିଛି ପଢୁଥିବା ବେଳେ କେତେକ ବାଘମାରୀ କନ୍ୟାଶ୍ରମ ଓ କେତେକ ବାହାର ଆବାସିକ ସ୍କୁଲରେ ରହି ପଢୁଛନ୍ତି । କରୋନା ଦ୍ୱାରା ଏପରିକି ଷଷ୍ଠ ଶ୍ରେଣୀର ଶିଶୁମାନେ ମଧ୍ୟ ଏ ପର୍ଯ୍ୟନ୍ତ ଗ୍ରାମରେ ଅଛନ୍ତି । ଗ୍ରାମର ପଞ୍ଚମ ଶ୍ରେଣୀର ଅଞ୍ଜଳି ଶବର, ପିଙ୍କି ଶବର, ଗୀତାଞ୍ଜଳି ଶବର, ଷଷ୍ଠ ଶ୍ରେଣୀରେ ପଢୁଥିବା ଚନ୍ଦୁ ଶବର, ବାସୁମତି ଶବର, ସସ୍ମିତା ଶବର, ମନିତା ଶବର, ଆଦିଙ୍କ ମୂଲ୍ୟାୟନ କରୁଥିଲି, କିନ୍ତୁ ସେମାନଙ୍କୁ ମୂଲ୍ୟାୟନ କରିବା ବେଳେ ଦ୍ୱିତୀୟ କିମ୍ବା ତୃତୀୟ ଶ୍ରେଣୀ ଶିକ୍ଷଣ ସ୍ତର ଥିବାର ଅନୁଭବ ହେଉଥିଲା ।

ସେହିଭଳି ତେନ୍ତୁଳିଖୁଣ୍ଟି ଗ୍ରାମର ମଧ୍ୟ ଶିଶୁମାନଙ୍କୁ ମୂଲ୍ୟାୟନ କରୁଥିଲି, କିଛି ଶିଶୁଙ୍କର ସ୍ଥିତି ମଧ୍ୟ ଏହିପରି ଥିଲା । ଏହିପରି ଅନ୍ୟ କିଛି ଆଦିବାସୀ ବହୁଳ ଅଂଚଳରେ ମୂଲ୍ୟାୟନ କରିବାକୁ ଆଗଭର ହେବା ବେଳକୁ ଶିଶୁମାନେ ଭୟ କରୁଥିଲେ । ସେମାନଙ୍କର ମୁଖମଣ୍ଡଳ ଶୁଖିଯାଉଥିଲା । ସେମାନେ କେତେକ ଜାଣିଥିଲେ ମଧ୍ୟ ଉତ୍ତର ଦେଉନଥିଲେ । ବ୍ଲାକ୍ ବୋର୍ଡ଼ରେ କିଛି ମାତ୍ରରେ ଉତ୍ତର ଦେଉଥିଲେ ମଧ୍ୟ ପ୍ରଶ୍ନଉତ୍ତର ଫର୍ମରେ ଲେଖିବା ପାଇଁ ମନା କରୁଥିଲେ ଏବଂ ବୁଝୁନାହିଁ ବୋଲି ଉତ୍ତର ଦେଉଥିଲେ । ଅନେକ ଶିଶୁମାନଙ୍କ ସହ ଖୁସି, ଗପ, ଗୀତ, ନାଚ ଆଦି ସମ୍ପର୍କରେ ଆଲୋଚନା କଲାବେଳେ ସେମାନଙ୍କର ମନ ବେଶ୍ ପ୍ରଫୁଲ୍ଲ ଦେଖାଯାଉଥିଲା । କିନ୍ତୁ ମୁଁ ଶିଶୁମାନଙ୍କ ସମୀକ୍ଷା ପାଇଁ ଦ୍ୱିତୀୟ-ତୃତୀୟ ଓ ଚତୁର୍ଥ ଶ୍ରେଣୀର ସରଳ ପ୍ରଶ୍ନପତ୍ରକୁ ବ୍ୟବହାର କରୁଥିଲି । ପ୍ରଶ୍ନପତ୍ରରୁ କିଛି କିଛି ଉତ୍ତର ମୌଳିକ ଭାବରେ ଦେଉଥିଲେ, କିନ୍ତୁ ଅଧିକାଂଶ କାଗଜ ମାଧ୍ୟମରେ ଉତ୍ତର ଦେବା, ଲେଖିକି ଦେବା ପାଇଁ ଅମଙ୍ଗ ହେଉଥିଲେ । ୧୫ରୁ ୨୦ ଜଣ ଶିଶୁ ଥିଲେ ସେମାନଙ୍କ ମଧ୍ୟରୁ ତିନିଚାରି ଜଣ ହିଁ ମୂଲ୍ୟାୟନରେ ସାମିଲ ହେବାପାଇଁ ରାଜି ହେଉଥିଲେ କିମ୍ବା ସାମିଲ ହେଉଥିଲେ । ମୁଁ ବାଧ୍ୟ କରୁନଥିଲି ଏବଂ ସେମାନଙ୍କୁ ସ୍ୱାଧୀନ ଛାଡ଼ି ଦେଉଥିଲି । କିଛି ପଞ୍ଚମ ଓ ଷଷ୍ଠ ଶ୍ରେଣୀରେ ପଢୁଥିବା ଶିଶୁ ରାଜି ହେଉଥିଲେ, କିନ୍ତୁ ବିଶେଷ ଭାବରେ ପ୍ରଶ୍ନଉତ୍ତର ପୂରଣ କରିବା ସେମାନଙ୍କର ପାଇଁ କଷ୍ଟକର ଥିଲା । ଗୋଟିଏ ଉଦାହରଣ ହେଲା ଶିଶୁମାନେ ସଂଖ୍ୟା ଡାକିବା ବେଳେ ଶିଶୁ ୩୮ ପରେ ପୁଣି ୨୯ ଡାକୁଥିଲେ । ଏହିଭଳି କିଛି କିଛି ଭୁଲ ରହୁଥିଲା । କିନ୍ତୁ ମିଶାଣ, ଫେଡ଼ାଣ ଭଲ ଭାବରେ ପାଟୀଗଣିତ ଭାବରେ ଉତ୍ତର ଦେଉଥିଲେ । ସାମୂହିକ ଭାବରେ ଉତ୍ତର ଦେବାକୁ ଆଗ୍ରହ ଦେଖାଉଥିଲେ । ପ୍ରାୟତଃ ଅଧିକାଂଶ ଶିଶୁ ଓଡ଼ିଆ ଭାଷା ବୁଝୁଥିଲେ ଏବଂ ଓଡ଼ିଆରେ ଉତ୍ତର ମଧ୍ୟ ଦେଉଥିଲେ ।

ଶିଶୁମାନଙ୍କର ଦକ୍ଷତା ଆକଳନ ନିମନ୍ତେ ନିମନ୍ତେ ଏକ ସଚିତ୍ର ପୁସ୍ତକ କଥାକୁହା ବହି ସେଟ୍‌କୁ ବ୍ୟବ

ସଂରକ୍ଷିତ ଆସନ ପରିବର୍ତ୍ତନ ପାଇଁ ଦାବି

ଫୁଲନଖରା, (ପି.ଏନ): ଆଗାମୀ ପଞ୍ଚାୟତ ନିର୍ବାଚନରେ ବାରଙ୍ଗ ବ୍ଲକ ନଗରୀ ପଞ୍ଚାୟତର ସଂରକ୍ଷଣ ଆସନ ପରିବର୍ତ୍ତନ ପାଇଁ ଜନସାଧାରଣ ଦାବି କରିଛନ୍ତି । ଏହି ପଞ୍ଚାୟତରେ ୬୬୮୫ ଜଣ ମତଦାତା ରହିଥିଲାବେଳେ ସେମାନଙ୍କ ମଧ୍ୟରୁ ସାଧାରଣ ବର୍ଗଙ୍କ ସଂଖ୍ୟା ଅଧିକ ରହିଛି । କିନ୍ତୁ ଉକ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଦସ୍ୟଙ୍କ ପାଇଁ ସ୍ଥାନଟିକୁ ଅନୁସୂଚୀତ ବର୍ଗଙ୍କ ପାଇଁ ସଂରକ୍ଷିତ କରାଯାଇଥିବାରୁ ଏହାକୁ ନେଇ ପଞ୍ଚାୟତରେ ଅସନ୍ତୋଷ ସୃଷ୍ଟି ହୋଇଛି । ଏହି ମର୍ମରେ ନରେନ୍ଦ୍ର ପାତ୍ର, ଅଶୋକ ରଥ, ଲଳିତକୁମାର ଦାଶ, ଯଜ୍ଞେଶ୍ୱର ଶତପଥି, ଅଶୋକ ନାରାୟଣ ହୋତା, ସୁରେନ୍ଦ୍ର ମହାପାତ୍ର, ଗଗନବିହାରୀ ନନ୍ଦ, ସୁନ୍ଦରପ୍ରଭାତ ଦାସ, କିଶୋର ମହାପାତ୍ର, ବିଜୟ କେଶରୀ ମହାପାତ୍ର, ଅଜୟ ବେଉରା, ଇତିଶ୍ରୀ ପାତ୍ର, ଉପେନ୍ଦ୍ର ବେଉରା, ବିଜୟ ମୁଦୁଲି, ପ୍ରଭାତ ପାତ୍ର, ଳଆଲୋକ ଗଜେନ୍ଦ୍ର, ଶିବ ଲେଙ୍କା, ମମତା ମହାନ୍ତି, ଧ୍ରୁବ ବେହେରା, କିଶୋର ଦାଶ, ଶୈଳଜାନନ୍ଦ ସାହୁ, ମହେନ୍ଦ୍ର ପୃଷ୍ଟି, ଲକ୍ଷ୍ମୀଧର ମୁଦୁଲି, ଗୋପୀନାଥ ଯାଦବ, ବିଜୟକୁମାର ଦାସ ପ୍ରମୁଖ ୩ଶହରୁ ଊର୍ଦ୍ଧ୍ୱ ସଂଖ୍ୟକ ପଞ୍ଚାୟତବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ।

କାକଟପୁରରେ ଓମିକ୍ରୋନ ମୁକାବିଲା ପାଇଁ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଲେ କ୍ରୀଡା ମନ୍ତ୍ରୀ

ଭୁବନେଶ୍ୱର, ୨୮।୧୨(ପି/ଏନ): କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରି ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଓମିକ୍ରୋନ ମୁକାବିଲା ନେଇ ସଚେତନତା କାର୍ଯ୍ୟକ୍ରମ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ବେହେରା ଓମିକ୍ରୋନ ସମ୍ପର୍କରେ ଜ୍ଞାନ ଆହୋରଣ ସହ ଏହାର ପ୍ରଭାବ, ପୂର୍ବ ପ୍ରସ୍ତୁତି ଏବଂ ସଫଳ ମୁକାବିଲା ନେଇ ସଜାଗ ରହିବାକୁ ସମସ୍ତ ସ୍ୱାସ୍ଥ୍ୟକର୍ମୀ ଏବଂ ଆଶାକର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ସରକାରଙ୍କ କୋଭିଡ ମାର୍ଗଦର୍ଶିକା ଯଥା ସାମାଜିକ ଦୂରତା, ମାସ୍କ ପରିଧାନ ଏବଂ ନିୟମିତ ଅନ୍ତରରେ ସାବୁନ ବା ସାନିଟାଇଜରରେ ହାତ ପରିଷ୍କାର ନେଇ ଲୋକଙ୍କୁ ସଚେତନ କରିବାକୁ ସେ ଆଶାକର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଲକ୍ଷାଧିକ ଟଙ୍କାର ବ୍ରାଉନ ସୁଗାର ଜବତ,ମହିଳା ଗିରଫ

ଖୋର୍ଦ୍ଧା, (ପିଏନ)- ଖୋର୍ଦ୍ଧା ଅବକାରୀ ବିଭାଗ ଜଟଣୀ ଥାନା ଅନ୍ତର୍ଗତ କୁଦିଆରୀ ବଜାର ନିକଟରୁ ସୁହାନ ବିବି(୫୨) ନାମକ ଜଣେ ମହିଳାଙ୍କ ଠାରୁ ୩୬ ଗ୍ରାମ ବ୍ରାଉନ ସୁଗାର ଜବତ କରି ଅଭିଯୁକ୍ତକୁ ଗିରଫ କରିଛି ।ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି । ତେବେ ଅଭିଯୁକ୍ତଙ୍କ ବିରୁଦ୍ଧରେ ୨୯ଏନ ଡିପିଏସଅଧିନିୟମ ଅନୁଯାୟୀ ପିଆର ନମ୍ବର ୩୯/୨୧ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବାର ଅବକାରୀ ଇନିସପେକ୍ଟର ଭୈରବ ସାହୁ ସୂଚନା ଦେଇଛନ୍ତି ।ଉକ୍ତ ଚଢାଉରେ ଜିଲ୍ଲା ଅବକାରୀ ଇନିସପେକ୍ଟର ସସ୍ମିତା ହୋତା ଓ ଇନିସପେକ୍ଟର ମନୋଜ କୁମାର ବାରିକ ସାମିଲ ଥିଲେ ।

ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଭଗାମୁଣ୍ଡା,(ଆ.ପ୍ର.):ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ପିଠାଗୋଳା ଗ୍ରାମର ଗାୟତ୍ରୀ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ମିଳିଥିବା ସୂଚନା ଅନୁସାରେ କୌଣସି କାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାରିପାରିକ କଳହ ଲାଗି ରହିଥିଲା । ମହିଳାଙ୍କୁ ଶାଶୁ ଘର ଲୋକେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲା । ମହିଳାଙ୍କ ପରିବାର ଲୋକେ ଡାକ୍ତରଖାନାରେ ପହଂଚିବା ପରେ ତାଙ୍କ ଝିଅକୁ ହତ୍ୟା କରାଯାଇଛି ଏବଂ ସେଥିପାଇଁ ତା'ର ଶାଶୁଘର ଲୋକେ ଦାୟୀ ବୋଲି କହି ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

କଂଟାବାଡ ରାଜ୍ୟ ସ୍ତରୀୟ ଟୁର୍ଣ୍ଣାମେଂଟ,କୁମାରବସ୍ତ ବିଜୟ ସେମିଫାଇନାଲରେ ପ୍ରବେଶ

ଖୋର୍ଦ୍ଧା, (ପିଏନ)- ବେଗୁଆ ବ୍ଲକ ଅନ୍ତର୍ଗତ କଂଟାବାଡ ସରକାରୀ ନୀଲକଣ୍ଠ ଉଚ୍ଚ ବିଦ୍ୟାଳୟ ସଲଗ୍ନ ଖେଳ ପଡିଆରେ ଦ୍ୱିତୀୟ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଂଟର ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି । ଏ ନେଇ ଆଜିର ମ୍ୟାଚଟି କୁମାରବସ୍ତ ରଙ୍କକ୍ସକ୍ସ ଷ୍ଟାର କ୍ରିକେଟ କ୍ଲବ ଓ ବାଙ୍କୀ ଆଥଲେଟିକ କ୍ରିକେଟ ଆସୋସିଏସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ବାଙ୍କୀ ଆଥଲେଟିକ କ୍ରିକେଟ ଆସୋସିଏସନ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରି ପାରିଥିଲା । ତାର ପ୍ରତି ଜବାବରେ କୁମାରବସ୍ତ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ବିଜୟ ଲକ୍ଷ୍ୟରେ ୫ ଉଇକେଟ ବିନିମୟରେ ୧୧୧ ରନ ସଂଗ୍ରହ କରି ସେମି ଫାଇନାଲରେ ପ୍ରବେଶ କରିଥିଲା ।ଏହି ଖେଳରେ ଇଣ୍ଡିଆନ ବ୍ୟାଙ୍କର ଅଧିକାରୀ ସତ୍ୟବାଦୀ ଦୋରା ଅତିଥି ଭାବେ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ ।ଶରତ ଚନ୍ଦ୍ର ତ୍ରିପାଠୀ ଓ ଶ୍ରୀକାନ୍ତ ବାହିନୀପତି ମ୍ୟାଚ ପରିଚାଳନା କରିଥିବା ବେଳେ ବଂଶୀଧର ପାଣିଗ୍ରାହୀ,ସୌମ୍ୟ ରଞ୍ଜନ ପାଣିଗ୍ରାହୀ,ସୌମ୍ୟ ରଞ୍ଜନ ମହାପାତ୍ର,ପ୍ରଦୀପ କୁମାର ମହାପାତ୍ର,ଶୁଭାଶିଷ ପାଣିଗ୍ରାହୀ,ସମିତ ସାହୁ ଓ ଜ୍ଞାନ ରଞ୍ଜନ ଜେନା ପ୍ରମୁଖ ସହେଯୋଗ କରିଥିଲେ । ଏହି କ୍ରିକେଟ ଖେଳର ସେମି ଫାଇନାଲ ମ୍ୟାଚ ଆସନ୍ତାକାଲି କୁମାର ବସ୍ତ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଓ ଖୋର୍ଦ୍ଧା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ।

ଶ୍ରୀ ସତ୍ୟସାଇ ସେବାଦଳ ପ୍ରଶିକ୍ଷଣ ଶିବିର

ଧର୍ମଶାଳା, (ପିଏନ୍): ଶ୍ରୀ ସତ୍ୟସାଇ ସେବା ସମିତି ଜାରକା ଆନୁକୂଲ୍ୟରେ ସମିତି ସ୍ତରୀୟ ସତ୍ୟସାଇ ସେବାଦଳ ପ୍ରଶିକ୍ଷଣ ଶିବିର ଜାମୁବଣିଆସ୍ଥିତ ସାଇ ବିହାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଁକାରମ, ବେଦପାଠ, ଭଜନ ପରିବେଷିତ ହୋଇଥିଲା । ରାଜ୍ୟ ଟ୍ରଷ୍ଟ ହାଉସିଂ ବୋର୍ଡର ସଦସ୍ୟ ରଶ୍ମିରଂଜନ ରାୟ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ସତ୍ୟସାଇ ସେବା ସଂଗଠନର ସଭାପତି ଡା. ନିଶିକାନ୍ତ କର ଯୋଗଦେଇ ନବବିଧି ଆଚରଣ ଓ ମୂଲ୍ୟବୋଧ ପାଇଁ ଭଗବାନଙ୍କ ଦିବ୍ୟ ନିର୍ଦ୍ଦେଶ ମାଧ୍ୟମରେ ସାଇଙ୍କର ନିରନ୍ତର ସାନିଧ୍ୟ ପାଇବା ପାଇଁ ଦିବ୍ୟ ଆଧ୍ୟାତ୍ମିକ ସାଧନା ମାଧ୍ୟମରେ ବ୍ୟକ୍ତିଗତ ରୂପାନ୍ତରର ହୋଇପାରିବ ବୋଲି ସମ୍ବୋଧନ କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ବାଲବିକାଶ ଶିକ୍ଷା ସଂଯୋଜକ ଜତୀନ୍ଦ୍ର କୁମାରଚସ୍ତାର ଯୋଗଦେଇ ଶ୍ରୀ ସତ୍ୟସାଇ ସେବା ସଂଗଠନ ବିକାଶ ନିମନ୍ତେ ବାଲ ବିକାଶ ଆବଶ୍ୟକତା ଓ ତାର ଦୃଢିକରଣ, ସ୍କାର୍ପ, ବ୍ୟାଚ୍, ପ୍ରଶାନ୍ତ ନୀଳୟ ସେବା ଦଳର ପ୍ରସ୍ତୁତି ଉପରେ ପାରମର୍ଶ ଦେଇଥିଲେ । ସଂଧ୍ୟା ଅଧିବେଶନରେ ସେବାରେ ଗୁଣାତ୍ମକ ବୃଦ୍ଧି, ନୂତନ ସୃଜନାତ୍ମକ ପ୍ରୟୋଗ, ବାଲବିକାଶର ଅଭିବୃଦ୍ଧି ପାଇଁ ଯୋଜନାର ରୂପରେଖ ନିର୍ମାଣ ଉପରେ ଆଗାମୀ ପିଢୀର ସେବାଦଳ ରୂପେ ଯୁବ ବର୍ଗଙ୍କ ଭୂମିକା ଓ ଯୁବ ପିଢୀଙ୍କୁ ପ୍ରେରଣା, ଦିବ୍ୟ ପଦଚିହ୍ନ, ଦିବ୍ୟ ସାଧାନରେ ଭଗବାନଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହେବା ଉପରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସାଥୁଆ ପାଟଣା, ନିଶିମଳା, ଚତ୍ରପଦା ଭଜନମଣ୍ଡଳୀର ଭାଇଭଉଣୀ ଅଂଶଗ୍ରହଣ କରିଥିଲେ । ଏହି ଶିବିରକୁ ସୁଶାନ୍ତ କୁମାର ନାୟକ, ସୌରଭ କୁମାର ଜେନା, ଅର୍ଜୁନ ଚରଣ ରାଉତ, ବଟକୃଷ୍ଣ ମଲିକ, ସତ୍ୟବ୍ରତ ଦାସ, ଗଗନ ବିହାରୀ ଦତ, ନିରଂଜନ ଶ୍ୟାନ୍ତି, ଗୋବିନ୍ଦ ଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ ।

ପ୍ରଥମେ ଓବିସିଙ୍କୁ ସଂରକ୍ଷଣ, ପରେ ନିର୍ବାଚନ : କଂଗ୍ରେସ

ଭୁବନେଶ୍ୱର, (ପି.ଏନ): ଓବିସି ମାନଙ୍କ ପାଇଁ ପ୍ରଥମେ ସଂରକ୍ଷଣ କରି ତା'ପରେ ନିର୍ବଚାନ କର । ରାଜ୍ୟର ୫୦ ଭାଗରୁ ଅଧିକ ଜନସଂଖ୍ୟ ଥିବା ଏହି ବର୍ଗପ୍ରତି ଅବିଚାରକୁ ମୁଣ୍ଡପାତି ସହିନେବା ସମ୍ଭବ ନୁହେଁ । ସଂରକ୍ଷଣ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ଓବିସି ପାଇଁ ଆସନ ସଂରଣକ୍ଷ କରି ନିର୍ବାଚନ କରାଯାଉ । ବ୍ୟତିକ୍ରମ ହେଲେ କଂଗ୍ରେସ ବିଚରାଳୟକୁ ଯିବ ଓ ଲୋକଙ୍କ ପାଖକୁ ଯିବ । ଏ ସଂପର୍କରେ ରାଜ୍ୟ ସରକାର ତୁରନ୍ତ ବିଧାନସଭାର ସ୍ୱତନ୍ତ୍ର ଅଧିବେସନ ଡାକିବାକୁ କଂଗ୍ରେସ ଦାବି କରିଛି । ପଛୁଆବର୍ଗ ସଂରକ୍ଷଣ ସଂକ୍ରାନ୍ତରେ ସାମ୍ବାଦିକ ସମ୍ମିଳନୀରେ ମିଡ଼ିଆ ଅଧକ୍ଷ ଗଣେଶ୍ୱର ବେହେରା କହିଛନ୍ତି ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ଓବିସିର ସ୍ୱାର୍ଥପ୍ରତି ଅଣଦେଖା କରିଚାଲିଛନ୍ତି ।

କେନ୍ଦ୍ର ମୋଦି ସରକାର ଜାତି ଭିତିକ ଜନଗଣନା କରିବାକୁ କରିଦେଲେ, ଦ୍ୱିତୀୟରେ, ଉପା- ସରକାର ଅମଳରେ ୨୦୧୧ ରେ ଯେଉଁ ସାମାଜିକ, ଅର୍ଥନିତୀକ ଓ ଜାତି (ଏସ୍ଇସିସି) ଗଣନା ହୋଇଥିଲା । ତାହା ରିପୋର୍ଟ ପ୍ରକାଶ କଲେ ନାହିଁ । ଆଳ ଦେଖାଇଲେ ଯେ ଏସ୍ଇସିସି ରିପୋର୍ଟ ୨୦୧୧ ତ୍ରୁଟିପୂର୍ଣ୍ଣ । କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଷ୍ଟାଣ୍ଡିଂ କମିଟି ଲୋକସଭା ବାଚସ୍ପତିଙ୍କୁ ଜୁଲାଇ ୩୧,୨୦୧୬ରେ ଉଲ୍ଲେଖ୍ୟ କରିଥିଲେ ଯେ ଉପରୋକ୍ତ ଏସ୍ଇସିସି ସର୍ଭେରେ ୯୮.୮୭ ତଥ୍ୟ ତ୍ରୁଟିଶୂନ୍ୟ । ଏହା ସାଂଗକୁ ଭାରତ ସରକାରଙ୍କ ରେଜିଷ୍ଟ୍ରାର ଜେନେରାଲ ମଧ୍ୟ ଅନୁରୂପ ମତ ଦେଇ କହିଲେ ଯେ ଏହି ସର୍ଭେରେ ମାତ୍ର ୧ ଭାଗରୁ କମ ତ୍ରୁଟି ଅଛି । ସେହିପରି ରାଜ୍ୟ ସରକାର ମଧ୍ୟ ପଛୁଆବର୍ଗଙ୍କ ପ୍ରତି ନ୍ୟାୟ ପ୍ରଦାନ କ୍ଷେତ୍ରରେ ଚରମ ଅବହେଳା ପ୍ରଦର୍ଶନ କରିଚାଲିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ୨୦୧୦ ରୁ କେ. କୃଷ୍ଣମୂର୍ତ୍ତୀ ବନାମ ଭାରତ ସରକାର ରାୟରେ ନିର୍ଦ୍ଦେଶ ଜାରି କରିଥିଲେ ଯେ ତିନିଗୋଟି ସର୍ତପୂରଣ କଲାପରେ ଯାଇ ଓବିସି ମାନଙ୍କ ପାଇଁ ରାଜନୈତିକ ସଂରକ୍ଷଣ କରିପାରିବ । ମାତ୍ର ଦୀର୍ଘ ୧୧ବର୍ଷ ଧରି ସରକାର ଶୋଇ ରହିଲେ । ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର କହିଲେ ଯେ ବିଜେଡ଼ି ଦଳୀୟ ଟିକେଟରେ ୪୦ ଭାଗ ପଛୁଆ ବର୍ଗଙ୍କୁ ଦେବାର ଘୋଷଣା ହାସ୍ୟାସ୍ପଦ । ଏହି ଘୋଷଣା ହୁଏତ ଦଳୀୟ କର୍ମୀଙ୍କ ଅସନ୍ତୋଷ ହ୍ରାସ କରିପାରେ କିନ୍ତୁ ରାଜ୍ୟବାସୀଙ୍କ କ୍ରୋଦ୍ଧ ବଢ଼ାଇବ । ବିଜେଡ଼ି ସରକାରରେ ଅଛି ତେଣୁ ରାଜ୍ୟ ଓ ରାଜ୍ୟବାସୀଙ୍କ କଥା ଚିନ୍ତା ନକରି ନିଜର ଦଳ କଥା ଚିନ୍ତା କରିବା ଦୁଃଭାଗ୍ୟଜନକ । ଯଦି ବିଜେଡ଼ି ଓବିସି ସଂରକ୍ଷଣ ଦେବାର ଅଛି ତାହାହେଲେ ମୁଖ୍ୟମନ୍ତ୍ରୀ, ବିଜେଡ଼ି ରାଜ୍ୟ ସଭାପତି ଓ ସଂଗଠନ ସଂପାଦକ ପଦବୀରୁ ଅତିକମରେ ଓବିସି ବର୍ଗରୁ ଜଣଙ୍କୁ ଦେଉ ବୋଲି ଆହ୍ୱାନ ଦେଇଥିଲେ । ପିସିସି ଲିଗାଲସେଲ ଅଧକ୍ଷ ସୁରେନ୍ଦ୍ର ନାଥ କର ସମ୍ବୋଧନ କରି କହିଲେ ଯେ ଆଇନର ଅନୁପାଳନ ଗଣତନ୍ତ୍ରର ଅପରିହାର୍ଯ୍ୟ । ଯେଉଁଠି ଆଇନ ଉପହାସିତ ସେଠି ନ୍ୟାୟ ବିଳମ୍ବିତ । ଓବିସି ସଂରକ୍ଷଣ ପ୍ରସଙ୍ଗରେ ରାଜ୍ୟ ସରକାର

ଭଗାମୁଣ୍ଡାରେ ମଦ ଦୋକାନକୁ ବିରୋଧ

ଭଗାମୁଣ୍ଡା:(ପି.ଏନ):ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡାରେ ଏକ ବିଦେଶୀ ଠିପି ବନ୍ଦ ମଦ ଦୋକାନ ଖୋଲିଥିବା ବେଳେ ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଏ ନେଇ ଗ୍ରାମର କିଛି ମହିଳା ଜିଲ୍ଲାପାଳ ଓ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କୁ ଫେରାଦ ହୋଇଛନ୍ତି । ମହିଳାଙ୍କ କହିବା ଅନୁଯାୟୀ ଗ୍ରାମରେ ମଦ ଦୋକାନ ଖୋଲିଲେ ଲୋକେ ମଦ ପିଇ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ । ଏହି ମଦ ଦୋକାନ ରାସୋଳ, ଟାଙ୍ଗିରିଆପାଳ ଓ ଶଗଡପଟା ପଂଚାୟତ ମଧ୍ୟରେ ହେବା କଥା । କାହିଁକି ଭଗାମୁଣ୍ଡାରେ କରାଗଲା ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି । ସେହିପରି ମଦ ଦୋକାନକୁ ଲାଗି ବସ୍ତି,ସ୍କୁଲ, ମନ୍ଦିର ରହିଛି ।

ବିଜେଡିର ମିଶ୍ରଣ ପର୍ବ

ଧର୍ମଶାଳା, (ପିଏନ୍): ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶ ମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଧର୍ମଶାଳା ବ୍ଲକ ଜାରକା ପଂଚାୟତର ବହୁ କର୍ମୀ ଅନ୍ୟ ଦଳ ଛାଡି ଆଜି ବିଜେଡିରେ ସାମିଲ ହୋଇଛନ୍ତି । ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଓ ବ୍ଲକ ସଭାପତି ଜଳଧର ମହାନ୍ତିଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଜାରକା ପଂଚାୟତର ସମିତିସଭ୍ୟ ସୁଦାମ ବେହେରା, ସରପଂଚ ବିଭୂତୀ ଭୂଷଣ ପାଣିଗ୍ରାହୀ, ପ୍ରତାପ ପ୍ରଧାନ ଓ ବାବନ ମହାନ୍ତିଙ୍କ ନେତୃତ୍ୱରେ ଆଜି ଅନ୍ୟ ଦଳର ୨୦ ରୁ ଊର୍ଦ୍ଧ କର୍ମୀ ବିଜେଡିରେ ଯୋଗଦେଇଥିଲେ । ଏହି ମିଶ୍ରଣ ପର୍ବରେ ବିଜେପି ଜାରକା ପଞ୍ଚାୟତ ସଭାପତି ଅମରେନ୍ଦ୍ର ମହାନ୍ତି, ପୂର୍ବତନ ସମିତିସଭ୍ୟ ପ୍ରାର୍ଥୀ ସର୍ବଣ କୁମାର ଦାସ ଏବଂ ଦାମୋଦର ସାହୁ ପ୍ରମୁଖ ବିଜେପି ଦଳ ଛାଡି ବିଜୁ ଜନତା ଦଳରେ ବିଧିବଦ୍ଧ ଭାବରେ ସାମିଲ ହୋଇଥିଲେ । ଦଳରେ ନୂତନ ଭାବେ ସାମିଲ ହୋଇଥିବା ସମସ୍ତ କର୍ମୀମାନଙ୍କୁ ବିଧାୟକ ଶ୍ରୀ ବଳବନ୍ତରାୟ ଦଳୀୟ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଗୃହ ନିର୍ମାଣକୁ ବିରୋଧ

ବାଲେଶ୍ୱର , (ପି.ଏନ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ ହେଉଥିବା ମାରକେଟିଙ୍ଗ ବିଲଡିଙ୍ଗକୁ ଫିଉଚର ବାଲେଶ୍ୱର ପକ୍ଷରୁ ବିରୋଧ କରାଯାଇଛି । କାର୍ଯ୍ୟାଳୟ ପରିସରରୁ ୩୦ରୁ ଅଧିକ ଗଛ କଟାଯାଇ କୋଠା ନିର୍ମାଣ କାର୍ଯ୍ୟ ପାଇଁ ପ୍ରସ୍ତୁତି ଚାଲିଥିବା ଦେଖି ସଂଗଠନର ସଭାପତି ଅଇନଜୀବୀ ବିଜୟ କୁମାର ପାଣିଗ୍ରାହୀ, ରଞ୍ଜନ କୁମାର ପାଣିଗ୍ରାହୀ ଓ ବିଜୟ କୁମାର ପ୍ରଧାନ ତିବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଜିଲ୍ଲାପାଳ ଏହି ପୁରାତନ ଗଛ ଗୁଡ଼ିକୁ କାଟିବା ବେଆଇନ ବୋଲି ମଧ୍ୟ ସେ ପ୍ରାକାଶ କରିଥିଲେ । ମହିଳାଙ୍କୁ ସ୍ୱାଭଲମ୍ବି କରିବା ପାଇଁ ଯୋଜନା କରିବା ସ୍ୱାଗତ ଯୋଗ୍ୟ ପଦକ୍ଷେପ କିନ୍ତୁ ମୁଖ୍ୟ କାର୍ଯ୍ୟାଳୟ ନିକଟରେ ମିଶନ ଶକ୍ତି ମାରକେଟିଙ୍ଗ ବିଲଡିଙ୍ଗ ହେବା ଦୁର୍ଭାଗ୍ୟ ଯନକ । ପୁରାତନ ବୃକ୍ଷ ଗୁଡ଼ିକ ସୁରକ୍ଷିତ ରଖି ଅନ୍ୟ ସ୍ଥାନରେ ଏହି ନିର୍ମାଣ କରିବାକୁ ଶ୍ରୀ ପାଣିଗ୍ରାହୀ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି । ଏହା ଯଦି ବନ୍ଦ ନ କରାଯାଏ ବାଲେଶ୍ୱରର ସ୍ୱାର୍ଥ ପାଇଁ ଫିଉଚର ବାଲେଶ୍ୱର ପକ୍ଷରୁ ଏହି ମାମଲାକୁ ନେଇ ଉଚ ନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି କହିଛନ୍ତି ।

ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ସାରସ୍ୱତ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ପି.ଏନ): କଳା, ସାହିତ୍ୟ ତଥା ଅନ୍ୟାନ୍ୟ ସୃଜନର ଯଥାର୍ଥ ଗ୍ରାହକମାନେ ସେସବୁର ପ୍ରସାରରେ ସାହାଯ୍ୟ କରିଥାନ୍ତି । ସାହିତ୍ୟର ଗ୍ରାହକ ବୃଦ୍ଧିରେ ପୁସ୍ତକମେଳା, ବିପଣନ ଓ ସରକାରୀ-ବେସରକାରୀ ପ୍ରୋତ୍ସାହନ ମଧ୍ୟ ଆବଶ୍ୟକ ହୋଇଥାଏ ବୋଲି ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ସାରସ୍ୱତ କାର୍ଯ୍ୟକ୍ରମରେ ବକ୍ତାମାନେ ମତପ୍ରଦାନ କରିଥାନ୍ତି । ଜୟଦେବ ଭବନ ପ୍ରଦର୍ଶନୀ ଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ତମ୍ଭକାର ତଥା ଗବେଷକ ଭାଗୀରଥି ମହାସୁଆର ଯୋଗଦେଇ 'ସାହିତ୍ୟର ଗ୍ରାହକ' ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନାରେ ସାହିତ୍ୟର ଗ୍ରାହକମାନଙ୍କୁ ନିରୁତା, ପସନ

ସ୍ୱର୍ଣ୍ଣମୟୀ ଝରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଭିକାରୀ ଓ ଭିନ୍ନକ୍ଷମମାନଙ୍କୁ ଶୀତବସ୍ତ୍ର ବଂଟନ

ଭୁବନେଶ୍ୱର (ପିଏନ୍)-ଗରିବ ଅସହାୟ ଲୋକମାନଙ୍କୁ ଶୀତର ପ୍ରକୋପରୁ ରକ୍ଷା କରିବା ପାଇଁ ସ୍ୱର୍ଣ୍ଣମୟୀ ଝରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆଜି ସକାଳ ୧୦ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ବିଗ୍ ବଜାର ଛକ, ରାମ ମନ୍ଦିର, ମଙ୍ଗଳା ମନ୍ଦିର ଏବଂ ରାସ୍ତା କଡରେ ବସିଥିବା ଭିକାରୀ ଓ ଭିନ୍ନକ୍ଷମମାନଙ୍କୁ ଟ୍ରଷ୍ଟର ଚେୟାରମ୍ୟାନ୍ ସ୍ୱର୍ଣ୍ଣମୟୀ ରାଉତଙ୍କ ଅଧ୍ୟକ୍ଷତାରେ କମ୍ବଳ, ଝଦର ଆଦି ବଂଟନ କରାଯାଇଛି ଏବଂ ଏଥିସହ ଟ୍ରଷ୍ଟର ସମ୍ପାଦିକା ପୁଷ୍ପିତା ସାହୁ, ସଂଜୟ ପରିଡା, ସେକ୍ ଆଜାଦ ଅଲ୍ଲୀ ଓ ଟ୍ରଷ୍ଟର ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡରେ ୪୬ହଜାର ୩ଶହ ୭୫ ପରିବାର ସାମିଲ

ଧର୍ମଶାଳା (ପିଏନ୍):ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଧର୍ମଶାଳା ବ୍ଲକର ୪୬ ହଜାର ୩ଶହ ୭୫ପରିବାରର ୧ଲକ୍ଷ ୮୧ହଜାର ୯୬୨ଜଣ ସାମିଲ ହୋଇଛନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡରେ ଯାଜପୁର ଜିଲ୍ଲା ଯୋଡିହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ସ୍ମାର୍ଟ କାର୍ଡ ବଂଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏନେଇ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଂଟନ କରାଯିବାର କାର୍ଯ୍ୟକ୍ରମ ରହିଥିଲା । ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଏଥିରେ ଯୋଗଦେଇ ଶହେଟି ପରିବାରକୁ ସ୍ମାର୍ଟ କାର୍ଡ ବଂଟନ କରିଥିଲେ । ପରେ ପର୍ଯ୍ୟାୟକ୍ରମେ ବ୍ଲକରେ ବିଭିନ୍ନ ପଂଚାୟତ କାର୍ଯ୍ୟାଳୟରେ ଏହି ସ୍ମାର୍ଟ କାର୍ଡ ବଂଟନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି । ଏହି ସ୍ମାର୍ଟ ହେଲଥ୍ କାର୍ଡରେ ମହିଳା ମାନଙ୍କ ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ରହିଥିବା ବେଳେ ପୁରୁଷମାନଙ୍କ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଉପଲବ୍ଧ ରହିଥିବା ଜଣାଯାଇଛି ।

ବିଜେଡିର ୨୫ ତମପ୍ରତିଷ୍ଠା ଦିବସ ପାଳିତ

ଝୁମ୍ପୁରା (ପିଏନ୍): ଝୁମ୍ପୁରା ବ୍ଲକ ମୁଖ୍ୟାଳୟ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ରବିବାର ଦିନ ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଝୁମ୍ପୁରା ବ୍ଲକ ବିଜେଡି ସଭାପତି ମହମ୍ମଦ କଫିଲ ଆନସାରୀ ଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଜିଲ୍ଲା ମହିଳା ସଭାପତି ରମଣୀ ନାଏକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏବଂ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା'ତାରିଣୀଙ୍କ ଫୋଟୋରେ ପୁଷ୍ପମାଲ୍ୟ ଅର୍ପଣ ସାଙ୍କଙ୍କୁ ପ୍ରଦ୍ୱୀପ ପ୍ରଜ୍ଜଳନ କରି ଶ୍ରୀଫଳ ଭାଙ୍ଗିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସମ୍ପାଦକ ବିପିନ ବିହାରୀ ଆପଟ ସୁନ୍ଦର ଭାବେ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବେ ସାଂସଦ ଚନ୍ଦ୍ରାଣୀ ମୁର୍ମୁ ଯୋଗ ଦେଇଥିବା ବେଳେ, ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ରାଜ୍ୟ କୃଷକ ସେଲ ଉପସଭାପତି କାନନ ବିହାରୀ ପୋହି, ପର୍ଯ୍ୟବେକ୍ଷକ କିଶୋର ତରାଇ, ଜିଲ୍ଲା ସମ୍ପାଦକ ରାଧାଗୋବିନ୍ଦ ପଟ୍ଟାନାୟକ, ବ୍ଲକ ମହିଳା ସଭାପତି ନଳିନୀ ମହା', ବ୍ଲକ ଯୁବ ଉପ ସଭାପତି ଟୁନା ଗିରି, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ନାଏକ, ବ୍ଲକ ଛାତ୍ର ସଭାପତି ଭାଗିରଥି ପ୍ରଧାନ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବାବୁରାମ ନାଏକ, ଅକ୍ଷୟ ମହାକୁଡ, ଏସକେ ସଫିକ, ମହେନ୍ଦ୍ର ସାହୁ, ସୁଶାନ୍ତ ପ୍ରଧାନଙ୍କ ସମେତ ବହୁ ବରିଷ୍ଠ କର୍ମୀ ଉପସ୍ଥିତ ରହିଥିଲେ । ଦୀର୍ଘ ୨୫ ବର୍ଷ ଧରି ବହୁ ଘାତ ପ୍ରତିଘାତ ମଧ୍ୟରେ ବିଜେଡି ଭଳି ଏକ ଆଚଂଳିକ ଦଳକୁ ନେଇ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିଛନ୍ତି ବୋଲି ଅତିଥିଗଣ ମତବ୍ୟକ୍ତ କରିଥିବା ବେଳେ, ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର କହିଲେ ଆମ ପରିବାରର ମୁଖ୍ୟଆ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ତଥା ଦୃଢ ନେତୃତ୍ୱକୁ ଓଡିଶାବାସୀଙ୍କ ଭଲ ପାଇବା ଯୋଗୁଁ ଆଜି ଆମ ଦଳ ୨୫ ବର୍ଷରେ ଉପନୀତ । ଉକ୍ତ କାର୍ଯ୍ୟକ୍ରମରେ ମହିଳା ଚାଷୀ, କଳାକାର, ଯୁବ ସମାଜସବୀ, ଶିକ୍ଷାବିତ୍, ମହାମାରୀ କରୋନା ସମୟରେ ଉତମ ସେବା ଯୋଗାଇଥିବା ବ୍ୟକ୍ତିବିଶେଷଙ୍କୁ ଉତରୀୟ ସହିତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ସାଢେ ୪ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍ କାର୍ଯ୍ୟକ୍ରମ ମାଧ୍ୟରେ ସମ୍ବୋଧିତ କରିଥିଲେ । ଝୁମ୍ପୁରା ବ୍ଲକର ୨୨ ଗୋଟି ପଂଚାୟତରୁ ଉକ୍ତ କାର୍ଯ୍ୟକ୍ରମରେ ୨ହଜାର ରୁ ଊର୍ଦ୍ଧ୍ୱ ସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ଶେଷରେ ବ୍ଲକ ଯୁବ ସଭାପତି ହରିଭକ୍ତ କୁନା ଗିରି ଧନ୍ୟବାଦ ଅର୍ପଣ କରିଥିଲେ

ତ୍ରିସ୍ତରୀୟ ନିର୍ବାଚନର ଜିଲ୍ଲା ପରିଷଦ ସଭ୍ୟପଦ ପାଇଁ ସଂରକ୍ଷଣ ଚିଠା ପ୍ରକାଶ

କେନ୍ଦ୍ରାପଡା (ପିଏନ୍): ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଆଗାମୀ ୨୦୨୨ ମସିହା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ଜିଲ୍ଲା ପରିଷଦ ସଭ୍ୟ ପଦ ପାଇଁ ପୁନର୍ବାର ସଂରକ୍ଷଣ ଚିଠା ତାଲିକା ପ୍ରକାଶନ କରାଯାଇଛି । ସେହି ଅନୁଯାଇ କେନ୍ଦ୍ରାପଡା ଜିଲ୍ଲାର ୩୨ଟି ଜିଲ୍ଲା ପରିଷଦ ସଭ୍ୟଙ୍କ ପାଇଁ ସଂରକ୍ଷିତ ହୋଇଥିବା ଚିଠା ତାଲିକା ହେଉଛି ଆଳି ବ୍ଲକର ୧ ନଂ ଜୋନ- ଅନୁସୂଚିତ ଜାତି ମହିଳା, ୨ ନଂ.- ଅସଂରକ୍ଷିତ, ୩ନଂ- ମହିଳା, ୪ନଂ- ଅସଂରକ୍ଷିତ, କେନ୍ଦ୍ରାପଡ଼ା ବ୍ଲକର ୫ ନଂ. ଜୋନ -ଅନୁସୂଚିତ ଜାତି ମହିଳା, ୬ ନଂ.-ମହିଳା, ୭ ନଂ- ଅନୁସୂଚିତ ଜାତି ମହିଳା, ୮ ନଂ- ଅସଂରକ୍ଷିତ । ଗରଦପୁର ବ୍ଲକ ୯ ନଂ ଜୋନ - ମହିଳା, ୧୦ ନମ୍ବର- ଅସଂରକ୍ଷିତ, ୧୧ ନଂ- ମହିଳା । ଡେରାବିଶ ବ୍ଲକ ୧୨ ନଂ- ଅସଂରକ୍ଷିତ, ୧୩ ନଂ- ଅନୁସୂଚିତ ଜାତି, ୧୪ ନଂ.- ଅସଂରକ୍ଷିତ । ପଟାମୁଣ୍ଡାଇ ୧୫ ନଂ. ଜୋନ- ଅନୁସୂଚିତ ଜାତି ମହିଳା, ୧୬ ନଂ- ଅନୁସୂଚିତ ଜାତି, ୧୭ ନଂ- ମହିଳା, ୧୮ ନଂ- ଅନୁସୂଚିତ ଜାତି । ମହାକାଳପଡ଼ା ୧୯ ନଂ. ଜୋନ- ମହିଳା, ୨୦ ନଂ.- ଅସଂରକ୍ଷିତ, ୨୧ ନଂ- ମହିଳା, ୨୨ ନଂ - ଅସଂରକ୍ଷିତ, ୨୩ ନଂ - ଅସଂରକ୍ଷିତ । ମାର୍ଶାଘାଇ ବ୍ଲକ ୨୪ ନଂ- ଅସଂରକ୍ଷିତ, ୨୫ ନଂ- ଅନୁସୂଚିତ ଜନଜାତି ମହିଳା, ୨୬ ନଂ- ମହିଳା । ରାଜକନିକା ବ୍ଲକ ୨୭ ନଂ- ମହିଳା, ୨୮ ନଂ- ଅସଂରକ୍ଷିତ, ୨୯ ନଂ- ମହିଳା । ରାଜନଗର ବ୍ଲକ ୩୦ ନଂ- ଅସଂରକ୍ଷିତ, ୩୧ ନଂ- ଅସଂରକ୍ଷିତ ଓ ୩୨ ନଂ ଜୋନ- ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଛି । ସେହିପରି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରକାଶିତ ଚିଠା ତାଲିକାରେ କେନ୍ଦ୍ରାପଡା ଜିଲ୍ଲାର ଜିଲ୍ଲା ପରିଷଦ ସଭାପତି ପଦଟି ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି ।

ଧ୍ୱଂସ ପାଉଛି ମୂଲ୍ୟବାନ ଜଙ୍ଗଲ, ସଙ୍କଟରେ ବନ୍ୟପ୍ରାଣୀ, ସଂରକ୍ଷିତ ଜଙ୍ଗଲ ଅଂଚଳରୁ ଲୁହାପଥର ଚୋରୀ, ଆରସିସିଏଫଙ୍କ ତାଗିଦ୍

କେନ୍ଦୁଝର (ପିଏନ୍): କେନ୍ଦୁଝର ଡିଭିଜନରେ ଆବଶ୍ୟକ ବନରକ୍ଷୀ ନଥିବାରୁ ମାଫିଆଙ୍କୁ ମୁକାବିଲା କରାଯାଇ ପାରୁନାହିଁ । ଏହି ଡିଭିଜନ ଅଧିନରେ ଥିବା ୭ଟି ମଧ୍ୟରୁ ୫ଟିରେ ଡେପୁଟି ରେଂଜର ଦାୟିତ୍ୱରେ ଅଛନ୍ତି । ଗୁରୁତ୍ୱପୂର୍ଣ୍ଣ ଚମ୍ପୁଆ ଏବଂ ବଡବିଲ ରେଂଜରେ ଜଣେ ଡେପୁଟି ରେଂଜର ଦାୟିତ୍ୱରେ ଅଛନ୍ତି । ସଂରକ୍ଷିତ ଜଙ୍ଗଲ ଅଂଚଳରୁ ଲୁହାପଥର ଚୋରୀ ହେଉଥିବାରୁ ଆରସିସିଏଫ ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ ରୋକିବା ପାଇଁ କଡା ପଦକ୍ଷେପ ନେବାକୁ ଡିଏଫଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବଡବିଲ ଓ ଚମ୍ପୁଆ ରେ ଅଞ୍ଚଳରୁ ନିୟମିତ ଭାବେ ଲୁହାପଥର ଏବଂ ମାଙ୍ଗାନିଜ ଚୋରା କାରବାର ହେଉଛି । ଏହାକୁ ରୋକିବାରେ ବନ ବିଭାଗ ଫେଲ ମାରିଛି । ୨୦୨୧-୨୨ ମସିହାରେ ବନ ବିଭାଗ ଚୋରା କାରବାରରେ ଲିପ୍ତ ଗାଡି ଧରିବାରେ ବିଶେଷ ସଫଳତା ପାଇନଥିବାରୁ ଆରସିସିଏଫ ଅରୁଣ ମିଶ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କେବଳ ଯେ ମୂଲ୍ୟବାନ ଲୁହାପଥର, ମାଙ୍ଗାନିଜ ଚୋରା ଚାଲାଣ ହେଉନାହିଁ ଏଥିଯୋଗୁଁ ବ୍ୟାପକ ଜଙ୍ଗଲ ନଷ୍ଟ ହେଉଛି । ବନ ବିଭାଗର ନିଷ୍କ୍ରିୟତା ସୁଯୋଗରେ ମାଫିଆମନେ ସକ୍ରୀୟ ହୋଇପଡିଛନ୍ତି । ମାଫିଆମାନେ ବହୁ ଜଙ୍ଗଲ ନଷ୍ଟ କରି ଚାଲିଥିଲେ ମଧ୍ୟ ଜଙ୍ଗଲ ବିଭାଗର କୌଣସି ଅଧିକାରୀ ଜାଣିନପାରିବା ଆଶ୍ଚର୍ଯ୍ୟର ବିଷୟ ହୋଇଛି । ସରକାର ଜଣେ ଡେପୁଟି ରେଂଜରଙ୍କ ହାତରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଟେକିଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ପରୋକ୍ଷରେ ମାଫିଆଙ୍କୁ ସୁହାଉଛି । କେନ୍ଦୁଝର ଜିଲ୍ଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବନ୍ୟପ୍ରାଣୀ ସଙ୍କଟ ଅବସ୍ଥାରେ । ଜଙ୍ଗଲ ପଦା ହେବାରୁ ଜନବସତି ମୁହାଁ ହୋଇ ମଣିଷଙ୍କ ଶିକାର ହୋଇ ବନ୍ୟପ୍ରାଣୀମାନେ ପ୍ରାଣ ହରାଉଛନ୍ତି । ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାପାଇଁ କର୍ମଚାରୀ ଅଭାବ, କାଠ ମାଫିଆ ଓ ଖଣି ମାଫିଆଙ୍କ ପ୍ରାଦୁର୍ଭାବ ମଧ୍ୟ ବଢି ଚାଲିଛି । ଯେଉଁଥି ପାଇଁ ବନ୍ୟପ୍ରାଣୀ ଲୋପ ହେବାରେ ଲାଗିଛନ୍ତି । ଶିକାରୀମାନେ ସ୍ୱଚ୍ଛନ୍ଦରେ ଜଙ୍ଗଲରେ ବୁଲୁଛନ୍ତି । ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ୪୦ବର୍ଷ ତଳେ କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନ ଗଠିତ ହୋଇଥିବା ବେଳେ ୨୦୦୩ ଅକ୍ଟୋବର ୧ରେ କେନ୍ଦୁଝର ବନଖଣ୍ଡ ଡିଭିଜନକୁ ଦୁଇଭାଗ କରି ନୂତନ ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ଗଠିତ ହୋଇଥିଲା । ଏହି ନୂତନ ଡିଭିଜନ ଅଧୀନରେ ଦୈତାରୀ, ଦେଓଗାଁ, ହଦଗଡ ହସ୍ତୀ ଅଭୟାରଣ୍ୟ ଏବଂ ଆନନ୍ଦପୁରରେ ରହିଛି । ସମୁଦାୟ ୯୬୮୨୪.୦୫୫୨ ହେକ୍ଟର ଜଙ୍ଗଲ ଅଂଚଳ ମଧ୍ୟରୁ ପ୍ରାୟ ୭୦୭୭୩ ହେକ୍ଟର ରିଜର୍ଭ ଜଙ୍ଗଲ ଓ ୨୧୪.୦୭ ହେକ୍ଟର ସୁରକ୍ଷିତ ରିଜର୍ଭ ଜଙ୍ଗଲ ରହିଛି । ଅବଶିଷ୍ଟ ରାଜସ୍ୱ ଗ୍ରାମ୍ୟ ଓ ଅନ୍ୟାନ୍ୟ ଶ୍ରେଣୀଭୁକ୍ତ ଜଙ୍ଗଲ ରହିଛି । ପ୍ରାୟ ୧୧,୦୦୦ ହେକ୍ଟର ପରିମିତ ହଦଗଡ ଅଭୟାରଣ୍ୟ ପଡୋଶୀ ମୟୁରଭ ଓ ଭଦ୍ରକ ଜିଲ୍ଲାର ସୀମାକୁ ଲାଗି ରହିଛି । ଏହା ବ୍ୟତୀତ ହଦଗଡ ଡ୍ୟାମ୍ ଏହି ଅଂଚଳରେ ରହିଛି । ଆନନ୍ଦପୁର ଅଧୀନରେ ଥିବା ୧୩,୦୦୦ ହେକ୍ଟର ପରିମିତ ବରାଙ୍ଗ ଜଙ୍ଗଲ ହରିଣଙ୍କ ଆଶ୍ରୟସ୍ଥଳୀ ହୋଇଛି । ଉକ୍ତ ଜଙ୍ଗଲରେ ପ୍ରାୟ ୧୦୦ ହରିଣ ରହିଥିବା କୁହାଯାଉଛି । ଉକ୍ତ ଜଙ୍ଗଲାଞ୍ଚଳକୁ ହରିଣ ଅଭୟାରଣ୍ୟ ଭାବେ ଘୋଷଣା କରିବାକୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହିଁ । ଫଳରେ ହରିଣମାନେ ଜଙ୍ଗଲରୁ ବାହାରି ଗାଁ ମୁହାଁ ହୋଇ ବୁଲା କୁକୁରଙ୍କ ଆକ୍ରମଣରେ ମୃତ୍ୟୁବରଣ କରୁଛନ୍ତି । ପ୍ରତିବର୍ଷ ଏହିଭଳି ଦୁଇ ତିନୋଟି ହରିଣ ପ୍ରାଣ ହରାଉଛନ୍ତି । ସେହିପରି ହଦଗଡ ହସ୍ତୀ ଅଭୟାରଣ୍ୟ ମଧ୍ୟ କାଠ ଓ ପଥର ମାଫିଆଙ୍କ ଦ୍ୱାରା କବଳିତ । ଖଣିରେ ବ୍ଲାଷ୍ଟିଂ ଓ ଅଭୟାରଣ୍ୟ ସୀମାଞ୍ଚଳରେ ଖଣି ଖନନ ଯୋଗୁଁ ବନ୍ୟପ୍ରାଣୀ କ୍ଷତିଗ୍ରସ୍ତ ହେଉଛନ୍ତି । କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନ ପରିସରରେ ହାତୀମାନେ ଜଙ୍ଗଲରୁ ବାହାରି ଜନବସତି ଆଡକୁ ଆସି ଧାନ ଫସଲ ଖାଇବା ସହ ନଷ୍ଟ କରୁଛନ୍ତି । ହାତୀ ଚଲାପଥକୁ ସୁରକ୍ଷା ଦେବାରେ ବନ ବିଭାଗ ଫେଲ ମାରିଛି । ଖାଦ୍ୟ ଅଭାବରୁ ଦିନଦିନ ହାତୀ ପଲ ଗାଁ ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି । ହାତୀଙ୍କ ଖଶଦ୍ୟ ଜଙ୍ଗଲରେ କ୍ରମଶଃ ଲୋପ ପାଉଥିବାରୁ ହାତୀ ଖାଦ୍ୟ ଅନ୍ୱେଷଣରେ ଗାଁକୁ ଚାଲି ଆସୁଛନ୍ତି । ମଣିଷ ଓ ହାତୀ ମଧ୍ୟରେ ତିକ୍ତତା ବୃଦ୍ଧି ପାଇ ଉଭୟ ମୃତାହତ ହେଉଛନ୍ତି । ବନ ବିଭାଗ ଜଙ୍ଗଲ ସୁରକ୍ଷା ଦିଗରେ ପଦକ୍ଷେପ ନେଉନଥିବାରୁ ଦୀର୍ଘବର୍ଷର ବହୁ ସଂରକ୍ଷିତ ଜଙ୍ଗଲ ଧ୍ୱଂସ ଦିଗକୁ ଗତି କରୁଥିବାବେଳେ ଏଠାରେ ବସବାସ କରୁଥିବା ବିରଳ ପ୍ରଜାତିର ପଶୁ ଓ ପକ୍ଷୀଙ୍କ ଜୀବନ ସଂକଟଜନକ ଅବସ୍ଥା ସୃଷ୍ଟି ହୋଇଛି । ସଂରକ୍ଷିତ ଜଙ୍ଗଲମାନଙ୍କର ବହୁ ପୁରାତନ ଶାଳ, ପିଆଶାଳ, ଶିଶୁ, ଅସନ,ଗମ୍ଭାରୀ,ଆମ୍ବ,ପଣସ,ନିମ୍ବ ଆଦି କିସମର ବୃକ୍ଷ ଧରାଶାୟୀ ହେବା ସହ ଏହି ଜଙ୍ଗଲରେ ରହୁଥିବା ଜୈବ ମଣ୍ଡଳ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇଛି । ଜଙ୍ଗଲରେ ବୁଲୁଥିବା ଏବଂ କ୍ରମେ ଅବଲୁପ୍ତ ହେଉଥିବା ସୃଷ୍ଟିର ବିଶାଳକାୟ ପ୍ରାଣୀ ହାତୀମାନେ ମଧ୍ୟ ଏଠାରେ ପଡି ନିଜ ଜୀବନକୁ ବିପନ୍ନ ହେଉଥିବା କଥା ଅଭିଯୋଗ ହେଉଛି । ହାତୀ ଚଲାପଥ ସଙ୍କୁଚିତ ହେଲାଣି । ହାତୀ ଯାହା ଖାଏ ଏବେ ସେ ବୃକ୍ଷଲତା ପ୍ରାୟ ଦେଖିବାକୁ ମିଳୁନି । ହାତୀ ପେଟ ପୁରୁନଥିବାରୁ ଜନବସତିରେ ପଶୁଛି । ଫସଲ ନଷ୍ଟ କରୁଛି । ମଣିଷ ସହ ସଂଘର୍ଷର ଏହା ବଡ କାରଣ ବୋଲଇ ପରିବେଶବିତ୍ ଡକ୍ଟର ବିମ୍ବାଧର ବେହେରା କହିଛନ୍ତି । ପ୍ରତିଦିନ ହାତୀ ୧୫୦ କିଲୋଗ୍ରାମର ଖାଦ୍ୟ ଓ ୧୫୦ରୁ ୨୦୦ ଲିଟର ପାଣିର ଆବଶ୍ୟକତା କରିଥାଏ । ଓଡିଶାର ବିଭିନ୍ନ ଜଙ୍ଗଲରେ ଦେଖାଦେଉଥିବା ୧୩୮ ପ୍ରକାର ଗଛ ହାତୀଙ୍କ ପ୍ରମୁଖ ଖାଦ୍ୟ । ଯେଉଁଥିରେ କ□ା ବାଉଁଶଠାରୁ ଆରମ୍ଭ କରି ଶିଆଳି, ବ୍ରାସିଲେଟର, କ୍ଲାଇମ୍ବର, ଅତୁଣ୍ଡି, ଆମ୍ବ, ଅଦା, ବାଉଁଶ, ବର, ଡିମିରି, ହାତୀ ଘାସ, ଗ୍ରାଉଣ୍ଡ ଲିଭଡ ଗ୍ରିଉରିଆ, ତେଲକୁର୍ମା, କଲାଡଚଣା, ଜାଇଷଣ୍ଡା, ଖଜୁରୀ, କାଶତଣ୍ଡି, ଶାଳ, ଝୁଡଙ୍ଗ, କ□ାବଉଲ ଭଳି କିଛି ଗଛ ରହିଛି । ହେଲେ ନୂତନ ବନୀକରଣ ନାମରେ ଜଙ୍ଗଲ ବିଭାଗ ଏସବୁ ଗଛ ଲଗାଇବା ପରିବର୍ତ୍ତେ ଆକାଶିଆ, ଚାକୁଣ୍ଡା, ଟିକ୍, କାଜୁରିଆନ ଭଳି ପ୍ରଜାତିର ଗଛ ଲଗାଇ ନିଜର ଦାୟିତ୍ୱ ଶେଷ କରୁଛି । ଅପରପକ୍ଷରେ ବନ ବିଭାଗ ଶିଆଳି, ଦନ୍ତାରୀ, ଅଟେଣ୍ଡି ଓ ମାର୍ଦ୍ଦା ଭଳି ପ୍ରଜାତିର ଗଛ ବଢିବା ପାଇଁ ପ୍ରକୃତିକ ଭାବେ ବଢୁଥିବା ଗଛ, ଲତା, ଗୁଳ୍ମ ପ୍ରଜାତିର ଗଛଗୁଡିକୁ କାଟି ଦେଉଛି । ଯାହାକି ଖରା ଓ ଶୀତ ମାସରେ ହାତୀମାନଙ୍କ ଖାଦ୍ୟଭାବେ ବ୍ୟବହୃତ ହୋଇଥାଏ । ବିସ୍ତୃତ ଜଙ୍ଗଲ ଓ ବନ୍ୟପ୍ରାଣୀ ତଥା ପରିବେଶ ଜୈବ ମଣ୍ଡଳର ସୁରକ୍ଷା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଅଂଚଳବାସୀ ଦାବି କରିଛନ୍ତି ।

ରାଜଧାନୀରେ କଂଗ୍ରେସର ଶକ୍ତି ପ୍ରଦର୍ଶନ, କଂଗ୍ରେସ ସେବାଦଳ ପକ୍ଷରୁ ସଦ୍‌ଭାବନା ରାଲି

ଭୁବନେଶ୍ୱର (ପିଏନ୍): ଦୀର୍ଘଦିନ ପରେ, ପଂଚାୟତ ଓ ନଗର ପାଳିକା ନିର୍ବାଚନର ଅବ୍ୟବହିତ ପୂର୍ବରୁ ରାଜ୍ୟ କଂଗ୍ରେସ ଦଳ ପକ୍ଷରୁ ଏକ ଶୃଙ୍ଖଳିତ ଶକ୍ତି ପ୍ରଦର୍ଶନ କାର୍ଯ୍ୟକ୍ରମ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ ସେବାଦଳର ୯୮ତମ ପ୍ରତିଷ୍ଠା ଦିବସ ଅବସରରେ ଏକ ବିରାଟ ସଦ୍‌ଭାବନା ରାଲିକୁ ଆଜି ପୂର୍ବାହ୍ନରେ ନିଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଓଡ଼ିଶା ପ୍ରଭାରୀ ଡଃ ଏ. ଚେଲାକୁମାରଜୀ ଆନୁଷ୍ଠାନିକ ଭାବବେ ଉଦ୍‌ଘାଟନ କରିବା ସହ ସେବାଦଳ କର୍ମକର୍ତା ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, କଂଗ୍ରେସ ସେବାଦଳର ଏକ ଗରିମାମୟ ଇତିହାସ ରହିଛି । ପଣ୍ଡିତ ଜବାହାରଲାଲ ନେହେରୁ ସେବାଦଳ ସଂଗଠନର ପ୍ରଥମ ସଭାପତ

ରୋଗୀସେବା, ଚାରାରୋପଣ ଓ କମ୍ବଳ ବାଣ୍ଟି ଜନ୍ମଦିନ ପାଳିଲେ ଡାକ୍ତର

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଚହଟାସ୍ଥିତ ଥାନପତି ମନ୍ଦିର ପରିସରରେ କବାଟବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ନିଆରା ଢଙ୍ଗରେ ନିଜର ଜନ୍ମଦିନ ପାଳନ କରିଛନ୍ତି । ଶ୍ରୀଜଗନ୍ନାଥ ମେଡ଼ିସିନ୍ ଷ୍ଟୋର ବାରବାଟୀ ଆନୁକୂଲ୍ୟରେ ଆୟୋଜିତ ଏହି ଜନ୍ମଦିନ ଉତ୍ସବରେ ଡାକ୍ତର ନିହାର ରଂଜନ କର ମାଗଣା ସ୍ୱାସ୍ଥ୍ୟସେବା ଶିବିରରେ ଯୋଗଦେଇ ୨ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଂଟନ କରିଥିଲେ । ପ୍ରଫୁଲ୍ଲ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରକୁ ସଚେତନ ନାଗରିକ ମଂଚର ଆବାହକ ସରୋଜ କୁମାର ବେହେରା ପରିଚାଳନା କରିଥିଲେ । ଡାକ୍ତର କର ପ୍ରତିବର୍ଷ ଜନ୍ମଦିନରେ ଦରିଦ୍ର ନାରାୟଣ ସେବା କରିବା, ଅନାଥ ଆଶ୍ରମ, ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ସାହାଯ୍ୟ କରିବା ସହ ଗାଁ ଗାଁ ବୁଲି କରୋନା ସମୟରେ ରୋଗୀମାନଙ୍କ ସେବା କରି ଉଚ୍ଚପ୍ରଶଂସିତ ହୋଇଥିବା ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ । ଡାକ୍ତର କରଙ୍କୁ ଯାଜପୁରର ଅନ୍ୱେଷଣ ଅନୁଷ୍ଠାନ, ଭାରତୀୟ ଏକାଡେମୀ ଜିଲ୍ଲା ସଂଯୋଜିକା, ସରୋଜିନୀ ସ୍ମୃତି ସଂସଦ ଜାରକା, ଜାଗ୍ରତ ଭାରତ ସ୍ୱାଭିମାନ ଟ୍ରଷ୍ଟ, ଧର୍ମଶାଳା ସି.ଏଚ୍.ସି, ଗୋକର୍ଣ୍ଣିକା ସାହିତ୍ୟ ସମାଜ, ବଣମଲ୍ଲୀ ସାହିତ୍ୟ ଅନୁଷ୍ଠାନ ଜେନାପୁର ପକ୍ଷରୁ ଜନ୍ମଦିନର ଶୁଭେଚ୍ଛା ଜଣାଯାଇଥିଲା । ପରେ ମନ୍ଦିର ପରିସରରେ ଅତିଥିମାନଙ୍କଦ୍ୱାରା ଚାରା ରୋପଣ କରାଯାଇଥିଲା ଓ ୫୦ରୁ ଊର୍ଦ୍ଧ୍ୱ ଅସହାୟ ବ୍ୟକ୍ତିଙ୍କୁ ଡାକ୍ତର କର କମ୍ବଳ ବଣ୍ଟନ କରିଥିଲେ । ଏହି ଅବସରରେ ଆୟୋଜକ ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ରମାକାନ୍ତ ଜେନା, ସାମ୍ବାଦିକ ଅବିନେଶ୍ୱର ଶତପଥୀ, ମାନସ ରଂଜନ ଜେନା, ସୁଧାକର ରାଉତ,ଡକ୍ଟର ଚିତ୍ତରଂଜନ ମହାନ୍ତି, ସଂଗ୍ରାମ କେଶରୀ ଜେନା, ସରୋଜ କୁମାର ବେହେରା, ଲକ୍ଷ୍ମୀ ଖମାରୀ ଓ ଡାକ୍ତର ନିହାର ରଂଜନ କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜ୍ଞାନରଂଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀଙ୍କ ବନ୍ଧୁମିଳନ

କେନ୍ଦୁଝର,(ପି.ଏନ): କେନ୍ଦୁଝର ସହର ଉପକଣ୍ଠ ଅଚିନ୍ତା ମଠ ରେ କେନ୍ଦୁଝର ଜିଲ୍ଲା ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀମାନଙ୍କର ବାର୍ଷିକ ସାଧାରଣ ବୈଠକ କୋଭିଡ୍ ନିୟମକୁ ପାଳନ କରି ଅନୁଷ୍ଠିତ ହୋଇଯାଇଛି । ବୟସର ସୀମାକୁ ପଛରେ ପକାଇ ମୋଟ ୫୭ଜଣ ଅବସରପ୍ରାପ୍ତ କର୍ମଚାରୀ ଭୁବନେଶ୍ୱର, ମୟୁରଭଞ୍ଜ, ଆନନ୍ଦପୁର ଓ ଚମ୍ପୁଆ ସମେତ ବିଭିନ୍ନ ସ୍ଥାନରୁ ଆସି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସଂଘର ବରିଷ୍ଠ ସଦସ୍ୟ ଅଶ୍ୱିନୀ କୁମାର ରାୟଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇ ୨୦୨୧ ମସିହାରେ ମୃତ୍ୟୁବରଣ କରିଥିବା ସଦସ୍ୟ ଧନେଶ୍ୱର ରାଉତ,ବସନ୍ତ କୁମାର ନାଏକ ଓ ଜୟକୃଷ୍ଣ ବେହେରାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ୨୦୨୧ ମସିହାରେ ଅବସର ଗ୍ରହଣ କରିଥିବା ଭବାନୀ ଶଙ୍କର ନାଏକ,ଦେବାଶିଷ ଚକ୍ରବର୍ତୀ, ସୁନିଲ କୁମାର ଦାଶ,ଭାଗିରଥୀ ମହାନ୍ତ, ଚିନ୍ତାମଣୀ ପାତ୍ର, ରତ୍ନାକର ନାଏକ, ଦୁଲ୍ଲଭ ନାଏକ ଓ ମହେଶ୍ୱର ସାହୁଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସଂଘକୁ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଘର ସଂପାଦକ ମିନକେତନ ନାୟକ ପରିଚାଳନା କରିଥିଲେ ।

କେନ୍ଦୁଝରଗଡ ପୌରପାଳିକାରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧ୍ୟକ୍ଷକୁ ଚିଠି ଲେଖିଲେ ସଦର ବିଧାୟକ

କେନ୍ଦୁଝର, (ପି.ଏନ): କେନ୍ଦୁଝରଗଡ ପୌରାଞ୍ଚଳରେ ବେଆଇନ ଭାବେ ବର୍ଜ୍ୟବସ୍ତୁ ଏଣେ ତେଣେ ଫୋପଡା ଯାଉଥିବା ଯୋଗୁଁ ହେଉଥିବା ବାୟୁ ଓ ଜଳ ପ୍ରଦୂଷଣ ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ସଦର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟ ଶାସନ ସଚିବ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଅଧ୍ୟକ୍ଷଙ୍କୁ ଲିଖିତ ଜଣାଇ ଆବଶ୍ୟକ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି । କେନ୍ଦୁଝରଗଡ ପୌରପାଳିକା ୭୦ ବର୍ଷ ଧରି ଚାଲି ଆସୁଥିଲେ ହେଁ ଅଦ୍ୟାବଧି କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ନିର୍ମାଣ ହୋଇ ପାରିନାହିଁ । ଏହା ଫଳରେ ପ୍ରତ୍ୟେକ ଦିନ କେନ୍ଦୁଝର ସହରରୁ ବାହାରୁଥିବା ୨୫ ଟ୍ରିପ ବର୍ଜ୍ୟବସ୍ତୁ ଏଣେ ତେଣେ ବିଭିନ୍ନ ରାସ୍ତାକଡରେ ଫୋପଡା ଯାଉଛି । ଫଳରେ ପରିବେଶ ବହୁମାତ୍ରାରେ କ୍ଷତିଗ୍ରସ୍ତ ହେବା ସହ ଏହାର କୁପ୍ରଭାବ ଜୀବଜଗତ ଉପରେ ପଡୁଛି । କେନ୍ଦୁଝର ସହରର ପରିବେଶ ଅତ୍ୟନ୍ତ ଜଟିଳ ହୋଇପଡିଛି । ଏହା ବର୍ତ୍ତମାନ ଭବିଷ୍ୟତ ପୀଢିର ସ୍ୱାସ୍ଥ୍ୟ ଓ ଜୀବନ ଉପରେ ସିଧାସଳଖ ପ୍ରଭାବ ପକାଉଛି । ବିପର୍ଯ୍ୟସ୍ତ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପୌରପାଳିକା ପକ୍ଷରୁ ଅଦ୍ୟାବଧି ଏକ ଜାଗା ଚିହ୍ନଟ ହୋଇ ପାରିନାହିଁ । ବର୍ଷା ଦିନରେ ବର୍ଜ୍ୟବସ୍ତୁ ପଡୁଥିବା ସ୍ଥାନରୁ ବର୍ଜ୍ୟଜଳ ନିକଟସ୍ଥ ନାଳରେ ମିଶି ଜଳ ପ୍ରଦୂଷଣ କରୁଛି । ରାସ୍ତାକଡରେ ପଡୁଥିବା ପଚା ଖାଦ୍ୟ ଖାଇ ଗୃହପାଳିତ ପଶୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ପରିବେଶ ଆଇନ ଉଲ୍ଲଙ୍ଘନ କରିଥିବାରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) ଆଇନଗତ ପଦକ୍ଷେପ ନେବାକୁ ସେ ଦାବୀ କରିବା ସହ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି ।

ଟଙ୍କା ପାଇଁ ସ୍ୱାମୀ ନେଲା ସ୍ତ୍ରୀ ର ଜୀବନ

କେନ୍ଦୁଝର:(ପି.ଏନ):ରକାରଙ୍କ ପକ୍ଷରୁ ପିଡିଏସ୍ ହିତାଧିକାରୀଙ୍କୁ ଦିଆଯାଉଥିବା କୋଭିଡ୍ ସହାୟତା ୧୦୦୦ ଟଙ୍କା ଆଣିବାକୁ ଦିକୁଙ୍କ ସ୍ତ୍ରୀ ରଶ୍ମି ମୁଣ୍ଡା ଗତକାଲି ଶିରିଷାପାଳ ଗ୍ରାମ ପଂଚାୟତ କାର୍ଯ୍ୟାଳୟକୁ ଯାଇଥିଲେ । ଘରକୁ ଆସିବା ପରେ ସ୍ତ୍ରୀ ରଶ୍ମୀ ରୋଷେଇ କରିଥିଲେ । ସନ୍ଧ୍ୟା ସମୟରେ ସ୍ୱାମୀ ଦିକୁ ମଦ୍ୟପାନ କରି ହାଟରୁ ଘରକୁ ଫେରିଥିଲେ । ପଂଚାୟତରୁ ମିଳିଥିବା ୧୦୦୦ ଟଙ୍କାରୁ ୩୦୦ ଟଙ୍କା ମାଗିଥିଲା । ସ୍ତ୍ରୀ ଟଙ୍କା ନଦେବାରୁ କିଛି ସମୟ ଧରି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚଶା ହୋଇଥିଲା । ଏଥିରେ ଦିକୁ ରାଗିଯାଇ ଗୋଟିଏ ଠେଙ୍ଗାରେ ନିଜ ସ୍ତ୍ରୀକୁ ମାଡ ମାରିଥିଲା । ଯାହା ଫଳରେ ରଶ୍ମୀଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଗ୍ରାମବାସୀ ପୋଲିସ୍‌କୁ ଖବର ଦେବା ପରେ କେନ୍ଦୁଝର ଟାଉନ୍ ପୋଲିସ୍ ଘଟଣା ସ୍ଥଳରେ ପହଂଚି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ଦିକୁକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

କେଡିଏମ କ୍ରିକେଟ ଟୁର୍ଣ୍ଣାମେଂଟ ନେଉଳପୁର,କୋତପୁର,ଦେଓଦା ଓ ପଟୁଣିଆ ବିଜୟୀ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ କଙ୍କତରୁ ଦାସ ମେମୋରିଆଲର ସପ୍ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଂଟରେ ଆଜି ୨ ଗୋଟି ପଡିଆରେ ଅନୁଷ୍ଠିତ ୪ଗୋଟି ମ୍ୟାଚରେ ନେଉଳପୁର, କୋତପୁର, ଦେଓଦା,ପଟୁଣିଆ ଟିମ ବିଜୟୀ ହୋଇଛନ୍ତି । ଏହି ବ୍ଲକ ବଡକାଏମା ଖେଳପଡିଆରେ ଆଜି ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ନେଉଳପୁର ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୭୯ ରନ କରିଥିଲା । ଏହାର ଜବାବରେ ପାଟପୁର ଟିମ ବ୍ୟାଟି କରି ୧୩.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୩୪ ରନ କରି ପରାଜୟ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ଚହଟା ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୫୧ରନ କରିଥିଲା । ଜବାବରେ କୋତପୁର ଟିମ ୧୪.୧ ଓଭରରେ ୭ ଉଇକେଟ ହରାଇ ୧୫୪ରନ କରି ବିଜୟୀ ହୋଇଥିଲା । ଆଜିର ଉଭୟ ମ୍ୟାଚକୁ ଉତମ ସାମଲ ଓ ଅବିନାଶ ସାମଲ ପରିଚାଳନା କରିଥିଲେ । ସେହିପରି ଏହି ବ୍ଲକ କୋତପୁର ଖେଳପଡିଆରେ ଅନୁଷ୍ଠିତ ଆଜିର ମ୍ୟାଚରେ ଦେଓଦା ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରୁ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୮ ରନ କରିଥିଲା । ଜବାବରେ ଅରେଇକଣା ଟିମ ୧୦.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା । ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ପଟୁଣିଆ ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୫୪ ରନ କରିଥିଲା । ଜବାବରେ ଉତରପ୍ରତାପ ଟିମ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୩୮ରନ କରି ପରାସ୍ତ ହୋଇଥିଲା । ଉଭୟ ମ୍ୟାଚକୁ ସୁବ୍ରତ ଜେନା ଓ ବିଶ୍ୱରନ ପତି ପରିଚାଳନା କରିଥିଲେ । ଆସନ୍ତା କାଲି ବୁଧବାର ବଡକାଏମା ଖେଳପଡିଆରେ କ୍ୱାଟର ଫାଇନାଲ ମ୍ୟାଚରେ ଭବାନୀପୁର ସହିତ ଜାରକା ଓ ସୁନ୍ଦରିଆ ସହିତ ଚୋରମୁହାଁ ଟିମ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସେହିପରି ଆସନ୍ତାକାଲି କୋତପୁର ଖେଳପଡିଆରେ ସେମିଫାଇନାଲ ମ୍ୟାଚ ବଡକାଏମା ସହିତ ପଟୁଣିଆ ଟିମ ଓ ଅରାବଳ ଟିମ ସହିତ ଦେଓଦା ଟିମ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମୀରନ ରାୟ ସୂଚନା ଦେଇଛନ୍ତି ।

ପାରାଦୀପ କଲେଜରେ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ଜଗତସିଂହପୁର,(ପି.ଏନ); ପାରାଦୀପ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ 'ଜୈବ ବିବିଧତା' ସଂକ୍ରାନ୍ତରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିବେଶବିତ୍ ବିଭୁଦତ୍ତ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଦିକବି ଶାରଳା ଦାସ ମହାବିଦ୍ୟାଳୟର ପ୍ରାଧ୍ୟାପକ ତର୍ପଣ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ସବିଶେଷ ଭାବେ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ଗଣିତ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଅଜୟ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ସୁଚିସ୍ମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ରୀ କୁମାର ତପସ୍ମିତା ସ୍ୱାଇଁ ବିବରଣୀ ପାଠ କରିଥିଲେ । ଏଥିରେ ବହୁ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ରହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର ଜ୍ୟୋତି ରଂଜନ ମହାପାତ୍ର ଓ ଛାତ୍ର ରାଜକିଶୋର ଲେଙ୍କା ସଭା ପରିଚାଳନା କରିଥିଲେ । ଶେଷରେ ଅଧ୍ୟାପିକା କାକଳି ରୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଲତରେ ଫଇସଲା ସରି ନିର୍ଷ୍ପ ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବ ର୍ତ୍ତମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭ । ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗୃହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶ୍ରୁତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସମ୍ପାଦକ ଗୋପିନାଥ ଗଉଡ ଉପସ୍ଥିତ ଥିଲେ ।

କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ନେଲେ ପୂର୍ବତଟ ରେଳପଥ କର୍ମଚାରୀ

ଭୁବନେଶ୍ୱର, (ପିଏନ)- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ଜନ ଆନ୍ଦୋଳନ ଅଭିଯାନରେ କରୋନା ବିରୁଦ୍ଧ ଲଢେଇ କୁ ସମ୍ମାନ ଦେଇ ପୂର୍ବ ତଟ ରେଳପଥ ଏହି ଜନ ଆନ୍ଦୋଳନର ମୁଖ୍ୟ ବୈଶିଷ୍ଟ୍ୟ ଅନୁସରଣ ଯଥା ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ଅନୁସରଣ କରିବା ଏବଂ ଦୁଇ ଗଜ ଦୂରତା ରଖିବାର ଅଭ୍ୟାସ ଜାରିରଖିବାକୁ ଏହାର କର୍ମଚାରୀ, ରେଳ ବ୍ୟବହାରକାରୀ ଏବଂ ଯାତ୍ରୀମାନଙ୍କୁ ନିବେଦନ କରିଛି । ଏହି ଜନ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ ରେଳପଥର କର୍ମଚାରୀମାନଙ୍କୁ ସର୍ବଦା ସଜାଗ ରହିବାକୁ ଏବଂ କୋଭିଡ୍-୧୯ ରୁ ନିଜେ ତଥା ସେମାନଙ୍କ ସହକର୍ମୀଙ୍କ ପ୍ରତି ବିପଦ ନରଖିବାକୁ ଶପଥ ପାଠ କରାଇବା ସହ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପ୍ରତିଜ୍ଞା କରାଇଥିଲେ । ଉପଯୁକ୍ତ କୋଭିଡି ଆଚରଣ ଅନୁସରଣ କରିବାକୁ ଅନ୍ୟମାନଙ୍କୁ ପ୍ରେରଣା ଏବଂ ଉତ୍ସାହିତ କରିବାକୁ ପ୍ରତିଜ୍ଞା କରାଇଥିଲେ । କର୍ମଚାରୀମାନେ ବିଶେଷ କରି ସର୍ବସାଧାରଣ ସ୍ଥାନରେ ସର୍ବଦା ମାସ୍କ ପିନ୍ଧିବାକୁ, ଅନ୍ୟମାନଙ୍କଠାରୁ ସର୍ବନିମ୍ନ ଦୂରତା ରଖିବାକୁ, ବାରମ୍ବାର ସାବୁନ୍ ଏବଂ ପାଣିରେ ହାତ ଧୋଇବାକୁ ଏବଂ କୋଭିଡ୍ ୧୯ ବିରୁଦ୍ଧରେ ଲଢେଇ କରିବାକୁ ଶପଥ ନେଇଛନ୍ତି ।

ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ପାଠ ଉତ୍ସବରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୁଧୀର କୁମାର, ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନଙ୍କ ସହ କର୍ମଚାରୀମାନେ ମଧ୍ୟ ସାମାଜିକ ଦୂରତା ରଖି ଶପଥ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ସ୍ୱରରାଜକ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Bhubaneswar Wednesday December 29, 2021 ଭୁବନେଶ୍ୱର ବୁଧବାର, ଡିସେମ୍ବର ୨୯,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର , (ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଜି କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ଭାରତୀୟ ଜାତୀୟ କଂଗ୍ରେସର ୧୩୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ସଭାପତି ନିରଞ୍ଜନ ପଟ୍ଟନାୟକ ଦଳୀୟ ପତାକା ଉତୋଳନ କରି ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ଆଜକୁ ଠିକ୍ ୧୩୭ ବର୍ଷ ତଳେ କଂଗ୍ରେସ ଦଳ ପ୍ରତିଷ୍ଠା କରାଯାଇ ଦେଶକୁ ସ୍ୱାଧୀନ କରିବାପାଇଁ ଯେଉଁ ମହାମନିଷୀ ମାନେ ତ୍ୟାଗ ଓ ବଳିଦାନ ଦେଇଥିଲେ ତାକୁ ଆଜି ଆମେ ସ୍ମରଣ କରିବା ଉଚିତ୍। ମହାତ୍ମା ଗାନ୍ଧୀ ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ଭାରତକୁ ଏକ ପ୍ରଗତିଶୀଳ ରାଷ୍ଟ୍ର ଭାବରେ ପରିଚୟ ଦେବାପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ଆଜି ସେହି ଗଣତନ୍ତ୍ରକୁ ପ୍ରତିଦିନ ହତ୍ୟା କରାଯାଉଛି । ମହାତ୍ମା ଗାନ୍ଧୀ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀଙ୍କ ଚିନ୍ତାଧାରା ଓ କାର୍ଯ୍ୟକ୍ରମକୁ ଆମେ କାର୍ଯ୍ୟକାରୀ କରିବାକୁ ଆଜି ସଂକଳ୍ପ ନେବା ଉଚିତ୍ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ସେବାଦଳ ଅଧ୍ୟକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏବଂ ଏମଡି ଶାହାଦୁଲ୍ଲା ପରିଚାଳନା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଏଆଇସିସି ସଂପାଦକ ଶ୍ରୀ ଜି ରୁଦ୍ର ରାଜୁ, ପିସିସି କାର୍ଯ୍ୟକାରୀ ସଭାପତି ଶ୍ରୀ ଚିରିବ ବିଶ୍ୱାଳ, କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶରତ ପଟ୍ଟନାୟକ, ରାମଚନ୍ଦ୍ର ଖୁଂଟିଆ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଚିନ୍ମୟ ସୁନ୍ଦର ଦାସ, ଜାନକୀ ବଲ୍ଲଭ ପଟ୍ଟନାୟକ, ରଶ୍ମି ମହାପାତ୍ର, ଅମୀୟ ପଟ୍ଟନାୟକ, ଅର୍ଜିତ କୁମାର, ଚେନସିଂ ସାମଲେ, ମନୋରଞ୍ଜନ ଦାଶ, ସ୍ମୃତି ରଞ୍ଜନ ଲେଙ୍କା, ୟାସିର ନଓ୍ୱାଜ, ହଳଧର ସେଠୀ, ବିସ୍ମୟ ମହାପାତ୍ର, ରଜନୀ ମହାନ୍ତି, କନକଲତା ମଲ୍ଲିକ, ପ୍ରକାଶ ମିଶ୍ର, ବିଶ୍ୱଜିତ ଦାଶ, ସୁବ୍ରତ ମହାପାତ୍ର, ସତ୍ୟବ୍ରତ ନାୟକ, ସମ୍ଭୁନାଥ ପାଣିଗ୍ରାହୀ, ଅଭିଷେକ ମହାନନ୍ଦ, ଅଂଶୁମାନ ମହାନ୍ତି, ଅଶୋକ ଦାସ, ଭାସ୍କର ସେଠୀ, ଲିଙ୍ଗରାଜ ସାହୁ, ସ୍ୱାଧୀନବାଳା ଦାସ, କୁସୁମ ପ୍ରଧାନ, ଜୟକୃଷ୍ଣ ମଲ୍ଲିଆ, ଗୀତାଳି ମହାନ୍ତି, କୁଳମଣି ସାହୁ, ସଂକୁନା କହଁର, ସୁଶାନ୍ତ ତ୍ରିପାଠୀ, ଚେତାଳି ପଟ୍ଟନାୟକ, ଜିଆଉଲ ହକ, ଜୟକୃଷ୍ଣ ସୁବୁଦ୍ଧି, ଦୀପକ କୁମାର ମହାପାତ୍ର, ବାଙ୍କନିଧି ବେହେରା, ମଧୁସ୍ମିତା ସେଠୀ, ମୁନି ଥାପ୍ପା, ମିହିର ଆଚାର୍ଯ୍ୟ, ମୋହନ ଜେନା, ମନୋରନ ରାଉତରାୟ, ପ୍ରଦୀପ କୁମାର ମହାପାତ୍ର, ରଣଜିତ ପାତ୍ର, ଆଲୋକ ମହାନ୍ତି, ପ୍ରଦୀପ ପ୍ରଧାନ, ଦେଓ ପ୍ରସାଦ, ସୁଭାଷ ପ୍ରଧାନ, ସାଗର ପରିଡ଼ା, ସାଗର ପଟ୍ଟନାୟକ, ତାପସ ସେଠୀ, ମଂଟୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଜଗନ୍ନାଥଙ୍କ ନାମ ଓ ଛବିକୁ ନେଇ ବ୍ୟବସାୟ : ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର , (ପି.ଏନ): ସେବା ସଂଗଠନ ଓଡ଼ିଶା ର ବାଲେଶ୍ୱର ଜିଲ୍ଲା ସଭାପତି ସରୋଜ କୁମାର ସାହୁ, ଉପଦେଷ୍ଟା ମଣ୍ଡଳି ର ସଦସ୍ୟ ନୟନ କୁମାର ପଣ୍ଡା, ଶଶିକାନ୍ତ ବାରିକ, ଜଗଦେବ ପଣ୍ଡା ଏବଂ ଅନ୍ୟ ସଦସ୍ୟ ମାନେ ସଂଗଠନର ଅଧ୍ୟକ୍ଷ କମଳଲୋଚନ ପଣ୍ଡା ଙ୍କ ନେତୃତ୍ୱରେ ସମୋବାର ଦିନ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଜଗତର ନାଥ ମହାପ୍ରଭୁ ଜଗନ୍ନାଥଙ୍କ ନାମ ଓ ଛବିକୁ ନେଇ ବ୍ୟବସାୟ କରୁଥିବା ଶିଳ୍ପ ଅନୁଷ୍ଠାନ ମାନଙ୍କ ବିରୋଧରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନା ଯୋଗ୍ୟ ଯେ ସମଗ୍ରି ଓଡ଼ିଶାରେ ଜଗନ୍ନାଥ ଶୋରିଷ ତେଲ ଏବଂ ଜଗନ୍ନାଥ ସିନ୍ଦୁର ର ପ୍ୟାକେଟ ଉପରେ ମହାପ୍ରଭୁ ଜଗନ୍ନାଥ ଙ୍କ ନାମ ଓ ଛବି ରଖି କ୍ରୟ ବିକ୍ରୟ କରାଯାଉଛି । ଏହି ୨ଟି ସାମଗ୍ରି ଲୋକ ମାନଙ୍କର ନିତି ଦିନ କାମରେ ବ୍ୟବହାର ହେଉଛି । ବ୍ୟବହାର ସରିବା ପାରେ ଲୋକମାନେ ଏହି ପ୍ୟାକେଟକୁ ଏଣେ ତେଣେ ଫପାଡ଼ି ଦେଉଛନ୍ତି ।

ଭୁବନେଶ୍ୱର ମାର୍କେଟ ସଂଖ୍ୟାଲଘୁ କମିଟି ପକ୍ଷରୁ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର : ଭୁବନେଶ୍ୱର ମାର୍କେଟ ସଂଖ୍ୟାଲଘୁ କମିଟି ପକ୍ଷରୁ ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଶେଖ୍ ଆଜାଦ ଅଲ୍ଲୁ(ମୁନ୍ନା ଭାଇ)ଙ୍କ ତତ୍ତ୍ୱାବଧାନରେ ଏକ ସଭାର ଆୟୋଜିତ ହୋଇଥିଲା । ଏଥିରେ ଉପସ୍ଥିତ ନେତାମାନେ ବିଜୁ ବାବୁଙ୍କ ଆଦର୍ଶରେ ଗଠିତ ହୋଇଥିବା ବିଜେଡି ଦଳ ସଂପର୍କରେ ଆଲୋକପାତ କରିଥିଲେ । ଆଗକୁ ଦଳକୁ ଆହୁରି ମଜଭୁତ କରିବାକୁ ନେତାମାନେ ସଂକଳ୍ପ ନେଇଥିଲେ । ଶେଷରେ କେକ୍ କାଟି ଉପସ୍ଥିତ ନେତାମାନେ ଉତ୍ସବ ମନାଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି ସଂଖ୍ୟାଲଘୁ ଉପସଭାପତି ଅବଦୁଲ ଘନି ହୁସେନ, ଏମଡି ଅସରଫ, ଦିଲଦାର ମହମ୍ମଦ, ମହମ୍ମଦ ତସଲିମ,ଏମଡି ଅଜଗର ପ୍ରମୁଖ ଯୋଗ ଦେଇଥିଲେ ।

ପଟିଆ ପ୍ରିମିଅର ଲିଗ୍ (ପିପିଏଲ) ଉଦଘାଟିତ

ଭୁବନେଶ୍ୱର,(ପି.ଏନ): ପଟିଆ ଗଡ ପକ୍ଷରୁ ଆୟୋଜିତ ପଟିଆ ପ୍ରିମିଅର ଲିଗ (ପିପିଏଲ) ସଟ୍ ବାଉଣ୍ଡରୀ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଉଦଘାଟନ କରି କହିଥିଲେ ଖେଳ ଭାଇଚାରା ସୃଷ୍ଟି କରିଥାଏ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ନୃସିଂହ ଚରଣ ରାଉତ,ପୁର୍ବତନ କର୍ପୋରେଟର ଜୟନ୍ତି ଜେନା, ସୟ ସେଠୀ ଓ ତ୍ରୈଲୋକ୍ୟ ରାଉତ,ଚିକୁ ରାୟ, ଟୁକୁନା ଜେନା,ଚିତ୍ତରନ ପାତ୍ର,ଦିଲ୍ଲିପ ରାଉତ, ହିମାଂଶୁ ଦାସ ପ୍ରମୁଖ ଯୋଗ ଦେଇଥିଲେ ।ସାଗର ରାଉତ,ନିର୍ମଳ ରାଉତ, ଲିପୁ ଜେନା, ଆନ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟ ଚାରିଦିନ ଧରି ଚାଲିବ । ଏଥିରେ ଏଏସ,ପଟିଆ ଟାଇଗର, ବିଆରଏସ,ପଟିଆ ଫାୟାର ବଲ୍,ୟସବନ୍ତ ଓ ମା ସାହା ଆଦି ୬ ଟି ଦଳ ଭାଗ ନେଇଛନ୍ତି ।

ଟୋଙ୍ଗ-ଇଲ୍-ମୁଁ-ଡୁ ଜାତୀୟ ସ୍ତରୀୟ ଚାମ୍ପିଆନ୍‌ସିପ୍‌ରେ ଓଡିଶାକୁ ୫ ସ୍ୱର୍ଣ୍ଣ

ଭୁବନେଶ୍ୱର,(ପି.ଏନ) : ଟୋଙ୍ଗ-ଇଲ୍-ମୁଁ-ଡୁ ଫେଡେରେସନ୍ ତରଫରୁ ଜାତୀୟ ସ୍ତରୀୟ ଟୋଙ୍ଗ-ଇଲ୍-ମୁଁ-ଡୁ' ଚାମ୍ପିଅନ୍‌ସିପରେ ବାଜିମାତ୍ ମାରିଛନ୍ତି ଓଡିଶା ଖେଳାଳି । ଓଡିଶାକୁ ୫ ଟି ସ୍ୱର୍ଣ୍ଣ,ଗୋଟିଏ ରୌପ୍ୟ ଓ ୪ ଟି କାଂସ୍ୟ ପଦକ ମିଳିଛି ।ଆୟୁଷ ବଳିୟାରସିଂ, ନିଶାନ୍ତ ପାଇକରା, ବିକାଶ କୁମାର ରଣସିଂହ, ରତୁପର୍ଣ୍ଣା ବାରିକଙ୍କୁ ସ୍ୱର୍ଣ୍ଣ, ସ୍ୱସ୍ତିକ ନାୟକଙ୍କୁ ରୌପ୍ୟ ଓ ଅନୁରାଗ ନନ୍ଦ, ପ୍ରିୟଙ୍କା ପ୍ରିୟଦର୍ଶିନୀ କାଂସ୍ୟ ପଦକ ଜିତିଛନ୍ତି ।ଦୀର୍ଘ ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଚାମ୍ପିଅନ୍‌ସିପ୍‌ରେ ଓଡିଶାରୁ ୨୪ ଜଣ ପ୍ରତିଯୋଗୀ ଭାଗ ନଇଥିଲେ । କୋଚ୍ ନିରଞ୍ଜନ ସାହୁ, ଆଶୁତୋଷ ବଳିୟାରସିଂହ,ମ୍ୟାନେଜର ଲଲାଟ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଏବଂ ରେଫ୍‌ରୀ ଅଂଶଗ୍ରହଣ କରିବେ । ଏହି ଅବସରରେ ଫେଡେରେସନ୍‌ର ସଭାପତି ରବି ନାରାୟଣ ରାଉତରାୟ ପ୍ରତିଯୋଗୀ ଏବଂ ରେଫ୍‌ରୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଶିଶୁ ଯୌନ ଶୋଷଣ ଓ ନିର୍ଯାତନା ଜଘନ୍ୟ ଅପରାଧ

ଭୁବନେଶ୍ୱର,(ପି.ଏନ): ଶିଶୁଙ୍କୁ ଯୌନ ଶୋଷଣ ଓ ନିର୍ଯାତନା ଏକ ସ୍ୱର୍ଶକାତର ଏବଂ ଜଘନ୍ୟ ଅପରାଧ । ଏହା ଆମର ସାମାଜିକ ବାତାବରଣକୁ କଳୁଷିତ କରୁଛି । ଗଣମାଧ୍ୟମ, ଅଦାଲତ, ପୁଲିସ ପ୍ରଶାସନ ଓ ନାଗରିକ ସମାଜର ମିଳିତ ସହଯୋଗରେ ଏହାର ମୂଳୋତ୍ପାଟନ ସମ୍ଭବ ବୋଲି ଏଠାରେ ଆୟୋଜିତ ଏକ କର୍ମଶାଳାରେ ମତପ୍ରକାଶ ପାଇଛି ।ପିପୁଲ୍ସ କଲଚ୍‌ରାଲ ସେଣ୍ଟର(ପିକକ) ପକ୍ଷରୁ ଆୟୋଜିତ ଶିଶୁ ଯୌନ ନିର୍ଯାତନା ଓ ଶୋଷଣର ନିରାକରଣ ସମ୍ବନ୍ଧୀୟ ଗଣମାଧ୍ୟମ କର୍ମଶାଳାରେ ଯୋଗଦେଇ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଥିଲେ ଯେ ଯୌନ ଶୋଷଣ ନିହାତି ସ୍ପର୍ଶକାତର ପ୍ରସଙ୍ଗ ହୋଇଥିବାରୁ ଏ ସଂକ୍ରାନ୍ତ ଖବର ପରିବେଷଣ ସମୟରେ ଶିଶୁର ପରିଚୟ ଯେପରି ପ୍ରଘଟ ନହେବ ଏବଂ ପକ୍‌ସୋ ନିୟମାମଳିକୁ ଯେପରି ଠିକଣା ଭାବେ ପାଳନ କରାଯିବ ସେ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ । ଅଧିକାଂଶ କ୍ଷେତ୍ରରେ ପୀଡିତ ଓ ଅଭିଯୁକ୍ତଙ୍କୁ ଗୋଟିଏ ଗାଡିରେ ନିଆଯାଉଛି, ପୁଲିସ ସିଭିଲ ପୋଷାକରେ ରହୁନାହିଁ-ଏଭଳି ଅଭିଯୋଗ ହେଉଥିବାରୁ ଏହାର ସତ୍ୟତା ଗଣମାଧ୍ୟମ ପଦାକୁ ଆଣିବା ଆବଶ୍ୟକ । ୨୦୧୨ର ପ୍ସକ୍‌ସୋ ଆଇନ ଠିକଣା ଭାବେ କାର୍ଯ୍ୟକାରୀ ହେବା ଦରକାର । ବୟାନ ରେକର୍ଡିଂ ସମୟରେ ପୀଡିତଙ୍କୁ ଉତ୍ତମ ବାତାବରଣ ଯୋଗାଇଦେବା ଦରକାର । ପୀଡିତ କ୍ଷତିପୂରଣ ପାଉଛନ୍ତି କି ନା ସେ ଖବର ମଧ୍ୟ ଗଣମାଧ୍ୟମ ଲୋକଲୋଚନକୁ ଆଣିବା ଦରକାର । ଯୌନ ଶୋଷଣ ରୋକିବା ଓ ଶିଶୁଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଗଣମାଧ୍ୟମ , ପୁଲିସ ,ଅଦାଲତ, ନାଗରିକ ସମାଜ ମିଳିତ ଉଦ୍ୟମ କରିବା ଆବଶ୍ୟକ । ପିକକର ସମ୍ପାଦକ ତଥା ଏନଏସିଜି ଇଭାକର ଅଧ୍ୟକ୍ଷ ରଞ୍ଜନ କୁମାର ମହାନ୍ତି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ତଥ୍ୟ ରଖି କହିଥିଲେ ଯେ ଶିଶୁଙ୍କୁ ଯୌନ ଶୋଷଣ ସଂକ୍ରାନ୍ତୀୟ ବହୁ ଘଟଣା ପଞ୍ଜିକୃତ ହେଉନାହିଁ । ଜାତୀୟସ୍ତରର ସର୍ବ ?କ୍ଷଣ ତଥ୍ୟ ଅନୁସାରେ ଅଧିକାଂଶ ଯୌନ ନିର୍ଯାତନା ମାମଲାରେ ଶିଶୁଙ୍କ ଆତ୍ମୀୟ, ତଥା ନିକଟ ସମ୍ପର୍କୀୟଙ୍କ ସମ୍ପୃକ୍ତି ରହୁଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ୨୦୨୦ ତଥ୍ୟ ଅନୁସାରେ ପକ୍‌ସୋ ଆଇନରେ ୨୦୧୮ ଓ ୨୦୧୯ ମଧ୍ୟରେ ପଞ୍ଜୀକରଣ ହାର ୪.୫% ବୃଦ୍ଧି ପାଇଛି । ବିଶେଷ କରି କରୋନା ସମୟରେ ଅନଲାଇନ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବାରୁ ଏହି ସମୟରେ ହିଁ ଶିଶୁ ଯୌନ ଶୋଷଣ ମାତ୍ରା ବ?ଛି । ଏହାର ନିରାକରଣ ଦିଗରେ ମିଳିତ ପ୍ରୟାସ ଆବଶ୍ୟକ ବୋଲି ସେ ମତ ରଖିଥିଲେ ।ପ୍ରେସ କାଉନସିଲର ସଦସ୍ୟ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି କହିଥିଲେ ଯେ ଶିଶୁ ଯୌନଶୋଷଣ ଏକ ଜଘନ୍ୟ ଅପରାଧ ଏବଂ ଏହାକୁ ରୋକିବା କ୍ଷେତ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଶିଶୁ ଯୌନ ଶୋଷଣ ଖବର ପ୍ରସାରଣବେଳେ ସାମ୍ବାଦିକ କି ପ୍ରକାର ସତର୍କତା ଅଲମ୍ବନ କରିବା ଦରକାର ସେ ବିଷୟରେ ତଥ୍ୟ ରଖିଥିଲେ । ବିଶେଷ କରି ଅଭିଯୁକ୍ତଙ୍କ ଦଣ୍ଡବିଧାନ ଖବର ଭଲ ଭାବେ ପରିବେଷଣ ଦ୍ୱାରା ଅନ୍ୟମାନେ ଏଭଳି ଆଚ୍‌ରଣର ପୁନରାବୃତ୍ତି କରିବାକୁ ସାହସ କରିବେ ନାହିଁ । ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ଗଣମାଧ୍ୟମ ପ୍ରତିନିଧିମାନେ ଖବର ପରିବେଷଣ ସମୟରେ ଏନସିପିସିଆର ନିୟମାବଳି ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ମତ ରଖିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ପିକକର କାର୍ଯ୍ୟନିର୍ବାହୀ ନିର୍ଶୈକା ଅନୁରାଧା ମହାନ୍ତି ଶିଶୁ ଯୌନ ଶୋଷଣର ପ୍ରତିକାର ଦିଗରେ କି ପ୍ରକାର ନିୟମାବଳି ରହିଛି ଓ ତାହା କେତେଦୂର ପାଳନ କରାଯାଉଛି ସେ ପ୍ରସଙ୍ଗର ଅବତାରଣା କରିଥିଲେ । ଶିଶୁ ଅଧିକାର ସୁରକ୍ଷା ଆୟୋଗର ପୂର୍ବତନ ସଦସ୍ୟ ହରିହର ନାୟକ ପକ୍‌ସୋ ଆଇନର ବିଭିନ୍ନ ଧାରା, ଦଣ୍ଡବିଧାନ ବ୍ୟବସ୍ଥା , ଏହାର କାର୍ଯ୍ୟକାରିତା ମାମଲା ପଞ୍ଜୀକରଣ ଓ ଫଇସଲା ହାର ଭିତରେ ଥିବା ତାରତମ୍ୟ ବିଷୟରେ ତଥ୍ୟ ରଖିଥିଲେ । ଖୋର୍ଦ୍ଧା ଜିଲାର ବହୁ ଗଣମାଧ୍ୟମ ପ୍ରତିନିଧି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ଧର୍ମାନନ୍ଦ ସୁନ୍ଦରାୟ, ଅଞ୍ଜନା ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି କର୍ମଶାଳା ଏନ୍‌ଏସିଜି-ଇଭିଏସ୍ସି ଇଣ୍ଡିଆ ଏବଂ ୱାର୍ଲଡ ଭିଜନ ଇଣ୍ଡିଆ ସହଯୋଗରେ ଅନୁଷ୍ଠିତ ହୋଇଥିଲା ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray